RNI No.ODIODI/2010/33031
୧୭ ବର୍ଷ Volume- 17
ISSUE -145 ସଂଖ୍ୟା-୧୪୫
ଭୁବନେଶ୍ୱର, ବୁଧବାର ୧୯ ଅଗଷ୍ଟ ୨୦୨୬
Bhubaneswar, Wednesday 19 August, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



### ବନ୍ୟା ପ୍ରଭାବିତଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦଶସୂତ୍ରୀ ପ୍ୟାକେଜ ଘୋଷଣା

# ପ୍ରାରମ୍ଭିକ ୧୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ପ୍ୟାକେଜ

ଭୁବନେଶ୍ୱର,୧୮।୮(ନି.ପ୍ର.): ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଜପୁର ଓ ଭଦ୍ରକ ଜିଲ୍ଲା ଗସ୍ତ କରି କ୍ଷୟକ୍ଷତିର ଅନୁଧ୍ୟାନ କରିବା ପରେ ଆଜି ରାଜ୍ୟର ବନ୍ୟା ପ୍ରଭାବିତଙ୍କ ପାଇଁ ୧୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ପ୍ୟାକେଜ୍ ପ୍ରାରମ୍ଭିକ ଆକଳନ ଅନୁଯାୟୀ ଘୋଷଣା କରାଯାଇଛି । ଚୂଡାନ୍ତ ଆକଳନ ପରେ ଏହି ସହାୟତା ପରିମାଣ ବୃଦ୍ଧି କରାଯାଇପାରେ ।

ଆଜି ସକାଳେ ମୁଖ୍ୟମନ୍ତ୍ରୀ ଏକ ଉଚ୍ଚସ୍ତରୀୟ ବୈଠକରେ ବନ୍ୟା ପରିସ୍ଥିତି ଓ ରିଲିଫ୍ ସହାୟତା ସମ୍ପର୍କରେ ଆଲୋଚନା କରିବା ପରେ ଲୋକସେବା ଭବନ ଠାରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ପୂର୍ବସ୍ଥିତି ଫେରାଇ ଆଣିବା ପାଇଁ ଆମ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ ଅଛନ୍ତି । ଅର୍ଥ ଏ ଦିଗରେ ପ୍ରତିବନ୍ଧକ ହେବ ନାହିଁ, ଯାହା ଆବଶ୍ୟକ ଯୋଗାଇ ଦିଆଯିବ।

ବନ୍ୟାର କାରଣ ସମ୍ପର୍କରେ ଦର୍ଶାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଚଳିତ ବର୍ଷ ବର୍ଷା ପରିସ୍ଥିତି ଅତ୍ୟନ୍ତ ଅସ୍ୱାଭାବିକ ରହିଛି । ଜୁନ, ଜୁଲାଇ, ଅଗଷ୍ଟ- ଗତ ତିନି ମାସ ମଧ୍ୟରେ ୧୧୦୦ ମିଲିମିଟର'ରୁ ଅଧିକ ବର୍ଷା ହୋଇଛି ବୋଲି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ପରିମାଣ ସ୍ୱାଭାବିକ ବର୍ଷା ପରିମାଣରୁ ୩୪ ପ୍ରତିଶତ ଅଧିକ । ଗତ ୨୫ ବର୍ଷ ମଧ୍ୟରେ ଏଭଳି ସ୍ଥିତି କେବେ ବି ହୋଇ ନଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ କାଲି ସେ ସଡକ ମାର୍ଗରେ ଯାଇ ପ୍ରଭାବିତ ଅଞ୍ଚଳରେ ବୋଟ୍ ଯୋଗେ ଓ ପାଦରେ ଚାଲି ଚାଲି ଗାଁ ଗାଁ ବୁଲି ସ୍ଥିତି ଅନୁଧ୍ୟାନ କରିବା ସହିତ କ୍ଷତିଗ୍ରସ୍ତ ଲୋକଙ୍କ ସହିତ ଆଲୋଚନା କରିଥିଲେ । ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର କସପା ଓ ତରପଦା ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗ୍ରାମ ଓ ଭଦ୍ରକ ଜିଲ୍ଲା ତିହିଡି ବ୍ଲକ୍ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତର ବିଭିନ୍ନ ଗ୍ରାମର ଲୋକମାନଙ୍କୁ ଭେଟି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଯାଜପୁର ଜିଲ୍ଲା ରାମଚନ୍ଦ୍ରପୁର ସ୍କୁଲରେ ପ୍ରସ୍ତୁତ ହେଉଥିବା ରନ୍ଧା ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଏହା ସହିତ ଭଦ୍ରକ ଜିଲ୍ଲାର ଦପାନାଆକାଣି ସ୍କୁଲ ସ୍ଥିତ ଆଶ୍ରୟସ୍ଥଳ



ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ସୁବିଧା ଅସୁବିଧା, ବିଶେଷକରି ରିଲିଫ୍ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।

ଗଣମାଧ୍ୟମକୁ ଏହି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସରକାରଙ୍କ ରିଲିଫ୍ ଓ ଅନ୍ୟାନ୍ୟ ସହାୟତା ବାବଦରେ ଜନସାଧାରଣ ସନ୍ତୁଷ୍ଟ ଅଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ହେଉଛି ଲୋକଙ୍କ ସରକାର । ଯେକୌଣସି ବିପର୍ଯ୍ୟୟ ଆସୁନା କାହିଁକି, ଆମେ ଲୋକଙ୍କ ସୁଖ ଦୁଃଖରେ ଅଛୁ ଓ ରହିବୁ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଭଦ୍ରକ ଓ ଯାଜପୁର ସହିତ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ କେନ୍ଦ୍ରାପଡା ଜିଲ୍ଲାରେ ମଧ୍ୟ ବନ୍ୟାସ୍ଥିତି ଉପୁଜିଛି । ଏହି ୬ ଟି ଜିଲ୍ଲାର ସ୍ଥିତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଜିଲ୍ଲା ଗୁଡିକର ୭୪ଟି ବ୍ଲକର ୧୩୮୧ଟି ଗାଁ'ର ୯.୪୦ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୩.୭୦ ଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯାଇଛି । ୫୫୦ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇ ପ୍ରଭାବିତ ଲୋକଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି । ୬ ଟି ଜିଲ୍ଲାରେ ସମୁଦାୟ ୪୫ଟି ଓଡ୍ରାଫ, ୮ଟି ଏନଡିଆରଏଫ ଏବଂ ୬୫ଟି ଅଗ୍ନିଶମ ସେବା ଦଳ ନିୟୋଜିତ ହୋଇଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା ହୋଇଥିବା ୧୦୦୦ କୋଟି ଟଙ୍କାର ପ୍ୟାକେଜ୍ ମଧ୍ୟରେ ବନ୍ୟା ପ୍ରଭାବିତ ଚାଷୀମାନଙ୍କ ପାଇଁ କୃଷି ଇନପୁଟ୍ ସବସିଡି ସହିତ ବିଭିନ୍ନ ପ୍ରକାରର ସହାୟତା ବ୍ୟବସ୍ଥା କରାଯାଇଛି । ଏହା ହେଲା-୧ - ବନ୍ୟା ପ୍ରଭାବିତ ଚାଷୀମାନଙ୍କୁ କୃଷି ଇନପୁଟ୍ ସବ୍‌ସିଡି ବାବଦକୁ ସରକାରଙ୍କ ପକ୍ଷରୁ ସହାୟତା ପ୍ରଦାନ କରାଯିବ । ଏଥିରେ ୩୩ ପ୍ରତିଶତ ଓ ତାହାଠାରୁ ଅଧିକ ଫସଲ କ୍ଷତି ହୋଇଥିବା ଚାଷୀମାନଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ ଅଣଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୮,୫୦୦, ଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୧୭,୦୦୦ ଏବଂ ସମସ୍ତ ପ୍ରକାର ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ କୃଷି ଇନପୁଟ୍ ସବସିଡି ପ୍ରଦାନ କରାଯିବ। ୨- କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ବିଭିନ୍ନ ପ୍ରଜାତିର ଧାନ ଓ ଅଣଧାନ (ଯଥା-ବିରି) ବିହନ କିଣିବା ନିମନ୍ତେ ଆର୍ଥିକ ସହାୟତା ଡିବିଟି ମାଧ୍ୟମରେ ପ୍ରଦାନ କରାଯିବ । ସରକାରଙ୍କ ତରଫରୁ ସରକାରୀ ଓ ଘରୋଇ ବ୍ୟବସ୍ଥା ମାଧ୍ୟମରେ ଆବଶ୍ୟକୀୟ ବିହନ ଚାଷୀମାନଙ୍କୁ କିଣିବା ପାଇଁ ଉପଲବ୍ଧ କରାଯିବ । ୩- କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ମାଗଣାରେ ପନିପରିବା ମିନିକିଟ୍ ପ୍ରଦାନ କରାଯିବ । ବନ୍ୟା ପରବର୍ତ୍ତୀ ରୋଗ ପୋକ ପରିଚାଳନା ପାଇଁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ୭୫% ସବ୍‌ସିଡି ପ୍ରଦାନ କରାଯିବ ।୪- କ୍ଷତିଗ୍ରସ୍ତ ଉଠା ଜଳସେଚନ ପଏଣ୍ଟ ଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ୫- ପ୍ରାଣିସମ୍ପଦ କ୍ଷତିର ଭରଣା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବ । ଏହାବ୍ୟତୀତ ନଷ୍ଟ ହୋଇଯାଇଥିବା ଡଙ୍ଗା, ଜାଲ, ପୋଖରୀ ଇତ୍ୟାଦି ପାଇଁ ଆର୍ଥିକ ସହାୟତା ଦିଆଯିବ ।୬- ଇଚ୍ଛୁକ ଚାଷୀଙ୍କ ସ୍ୱଳ୍ପ ମିଆଦୀ ଖରିଫ୍ କୃଷି ଋଣକୁ ମଧ୍ୟମ ଅବଧି କୃଷି ଋଣରେ ପରିଣତ କରାଯିବ । ୭- ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରରେ କ୍ଷତିଗ୍ରସ୍ତ ଉପକରଣ/ଯନ୍ତ୍ରପାତି କିଣିବା ପାଇଁ ୫ ହଜାର ଟଙ୍କା ଏବଂ କଞ୍ଚାମାଲ/ପ୍ରସ୍ତୁତ ସାମଗ୍ରୀ କ୍ଷତି ପାଇଁ ୫ ହଜାର ଟଙ୍କା ସହାୟତା ଦିଆଯିବ ।୮- ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାଘାଟ, କେନାଲବନ୍ଧର ସାମୟିକ ମରାମତି ଯୁଦ୍ଧକାଳୀନ ଭିତ୍ତିରେ କରାଯିବ। ସମସ୍ତ କ୍ଷତିଗ୍ରସ୍ତ ଭିତ୍ତିଭୂମି କ୍ଷତିର ଆକଳନ ପରେ ସ୍ଥାୟୀ ମରାମତି ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ୯- ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ/ଶୁଖିଲା ଖାଦ୍ୟ ଯୋଗାଣ ଜାରି ରହିବ। ଏହା ସହିତ ଅତିରିକ୍ତ ଭାବରେ ଆବଶ୍ୟକୀୟ ରିଲିଫ୍ ଚାଉଳ ଯୋଗାଇ ଦିଆଯିବ ।୧୦- ବନ୍ୟା ପ୍ରଭାବିତ ବ୍ୟକ୍ତି ବିଶେଷଙ୍କୁ ବାସନ-କୁସନ ଓ ବସ୍ତ୍ର ନିମନ୍ତେ ଆବଶ୍ୟକୀୟ ଅର୍ଥ ପ୍ରଦାନ କରାଯିବ।

- ପ୍ରଭାବିତ ଚାଷୀମାନଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ କୃଷି ଇନପୁଟ୍ ସବସିଡି ସହାୟତା ପ୍ରଦାନ
- କ୍ଷତିଗ୍ରସ୍ତ ଚାଷୀଙ୍କୁ ଧାନ ଓ ଅଣଧାନ ବିହନ କ୍ରୟ ପାଇଁ ଡିବିଟି ମାଧ୍ୟମରେ ସହାୟତା ପ୍ରଦାନ
- କ୍ଷତିଗ୍ରସ୍ତ ରାସ୍ତାଘାଟ, କେନାଲ ବନ୍ଧକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯିବ
- ଚଳିତ ବର୍ଷ ସ୍ୱାଭାବିକ ଠାରୁ ୩୪ ପ୍ରତିଶତ ଅଧିକ ବର୍ଷା, ଗତ ୨୫ ବର୍ଷରେ ସର୍ବାଧିକ
- ଯେକୌଣସି ବିପର୍ଯ୍ୟୟ ଆସୁନା କାହିଁକି, ଆମେ ଲୋକଙ୍କ ସୁଖ ଦୁଃଖରେ ଅଛୁ ଓ ରହିବୁ
- କ୍ଷତିଗ୍ରସ୍ତ ଅଞ୍ଚଳରେ ପୂର୍ବସ୍ଥିତି ଫେରାଇ ଆଣିବା ପାଇଁ ଅର୍ଥ କେବେ ପ୍ରତିବନ୍ଧକ ହେବ ନାହିଁ- ମୁଖ୍ୟମନ୍ତ୍ରୀ

ଗଣମାଧ୍ୟମକୁ ବିବୃତ୍ତି ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟସଭା ସାଂସଦ ମନମୋହନ ସାମଲଙ୍କ ସହିତ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ବିଭିନ୍ନ ବିଭାଗର ସଚିବ ସ୍ତରୀୟ ଅଧିକାରୀ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନର ଉପସ୍ଥିତ ଥିଲେ ।

### ଭିଜିଲାନ୍ସର ଡବଲ୍ ଆକ୍ସନ

## ଆରଆଇ ଗିରଫ, ପୂର୍ବତନ ଜେଇଙ୍କୁ ୩ ବର୍ଷ ଜେଲ୍

ମାଲକାନଗିରି/ ନୟାଗଡ,୧୮।୮(ନି.ପ୍ର.):: ମାଲକାନଗିରି ତହସିଲ ଅନ୍ତର୍ଗତ ଝରାପାଲି ସର୍କଲର ରାଜସ୍ୱ ନିରୀକ୍ଷକ (ଆରଆଇ) ସୂରଜ ବାଲା ପୁଣି ଭିଜିଲାନ୍ସ ଜାଲରେ। ପତ୍ନୀଙ୍କ ଅନୁସୂଚିତ ଜାତି (ଏସ୍‌ସି) ପ୍ରମାଣପତ୍ରର ଯାଞ୍ଚ ରିପୋର୍ଟ ପ୍ରଦାନ ପାଇଁ ୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମଙ୍ଗଳବାର ତାଙ୍କୁ ଓଡ଼ିଶା ଭିଜିଲାନ୍ସ ଧରିଛି।


ସୂଚନା ଅନୁସାରେ, ଅଭିଯୋଗକାରୀ ସରକାରୀ ନିୟମ ଅନୁଯାୟୀ ଆବଶ୍ୟକ ଫି' ପୈଠ କରି ଅନଲାଇନ୍‌ରେ ଆବେଦନ କରିଥିଲେ। ତେବେ ଅଭିଯୋଗ ଅନୁସାରେ, ଆରଆଇ ସୂରଜ ବାଲା କାମରେ ବିଳମ୍ବ କରି ଏଥିପାଇଁ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଆଗୁଆ ୮ ହଜାର ଟଙ୍କା ଏବଂ କାମ ସରିବା ପରେ ବାକି ୨ ହଜାର ଟଙ୍କା ଦେବାକୁ ଚୁକ୍ତି ହୋଇଥିଲା। ଏନେଇ ଅଭିଯୋଗ ପାଇବା ପରେ ଭିଜିଲାନ୍ସ ଟିମ୍ ଯୋଜନାବଦ୍ଧ ଭାବେ ଚଢ଼ାଉ କରିଥିଲା। ନିଜ ଅଫିସ୍‌ଚାମ୍ବରରେ ୮ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ସମୟରେ ସୂରଜ ବାଲାଙ୍କୁ ଧରାଯାଇଥିଲା। ତାଙ୍କଠାରୁ ଟ୍ରାପ୍ ଟଙ୍କା ମଧ୍ୟ ଜବତ କରାଯାଇଛି।

ଗିରଫ ପରେ ଆୟ ବହିର୍ଭୂତ ସମ୍ପତ୍ତି ସମ୍ପର୍କରେ ଯାଞ୍ଚ ପାଇଁ ତାଙ୍କ ସହ ଜଡ଼ିତ ଦୁଇଟି ସ୍ଥାନରେ ମଧ୍ୟ ଚଢ଼ାଉ ଜାରି ରହିଛି। ଏନେଇ କୋରାପୁଟ ଭିଜିଲାନ୍ସ ଥାନାରେ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଚାଲିଛି। ତେବେ ଏହା ପ୍ରଥମ ଥର ନୁହେଁ। ୨୦୨୩ ମସିହାରେ ମଧ୍ୟ ଏକ ଇସି କେସ ନୋଟିସ୍ ପ୍ରଦାନ ପାଇଁ ୧୫ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ସୂରଜ ବାଲା ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ଉକ୍ତ ମାମଲା ବର୍ତ୍ତମାନ କୋର୍ଟରେ ବିଚାରାଧୀନ ରହିଛି।

ଏକ ସିସି ରୋଡ୍ ପ୍ରକଳ୍ପର ଫାଇନାଲ ବିଲ୍ ପାସ୍ କରିବା ପାଇଁ ଠିକାଦାରଙ୍କଠାରୁ ୫୦ ହଜାର ଟଙ୍କା ଲାଞ୍ଚ ନେଇଥିବା ମାମଲାରେ ଅତିରିକ୍ତ ସ୍ପେଶାଲ ଜଜ୍, ଭିଜିଲାନ୍ସ, ଭୁବନେଶ୍ୱର ତାଙ୍କୁ ୩ ବର୍ଷ କଠୋର କାରାଦଣ୍ଡ ସହ ଜରିମାନା ଦଣ୍ଡିତ କରିଛନ୍ତି। ଏହି ଦୁଇ ଘଟଣାରେ ଭିଜିଲାନ୍ସର କାର୍ଯ୍ୟାନୁଷ୍ଠାନ ରାଜ୍ୟରେ ଦୁର୍ନୀତି ବିରୋଧୀ ଅଭିଯାନକୁ ପୁଣି ଚର୍ଚ୍ଚାକୁ ଆଣିଛି।

## ଡିଜିପି ନିଯୁକ୍ତି: ସେପ୍ଟେମ୍ବର ୨ରେ ମାମଲାର ପରବର୍ତ୍ତୀ ଶୁଣାଣି

ନୂଆଦିଲ୍ଲୀ,୧୮।୮: ଓଡିଶା ଡିଜିପି ନିଯୁକ୍ତି ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ପିଆଇଏଲ ପ୍ରସଙ୍ଗ ମାମଲାରେ ଘୁଞ୍ଚିଲା ଶୁଣାଣି । ସୁପ୍ରିମକୋର୍ଟରେ ନିଜ ପକ୍ଷ ରଖିଲେ ରାଜ୍ୟ ସରକାର । ଆସନ୍ତା ସେପ୍ଟେମ୍ବର ୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରିଛନ୍ତି । ଡିଜିପି ଚୟନ ବେଳେ ଓଡିଶା ସରକାର ସୁପ୍ରିମକୋର୍ଟଙ୍କର ଗାଇଡଲାଇନ ଉଲ୍ଲଙ୍ଘନ କରିଥିବା ଅଭିଯୋଗରେ ପିଆଇଏଲ ଦାୟର ହୋଇଛି । ଗତ ୧୩ ତାରିଖରେ ଶୁଣାଣି କରି ସର୍ବୋଚ୍ଚ କୋର୍ଟ ରାଜ୍ୟରେ ଡିଜିପି ଚୟନ ପ୍ରକ୍ରିୟା ଉପରେ ବ୍ରେକ ଲଗାଇଥିଲେ । ବିଶେଷ କରି ପ୍ରକାଶ ସିଂହ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ଅନୁଯାୟୀ, ଡିଜିପି ଚୟନ ହେଉଛି କି ନାହିଁ ସେନେଇ ପ୍ରଶ୍ନ ଉଠିଛି ।




## ହୀରାକୁଦରୁ ୧୪ ଗେଟ୍ ଖୋଲା

ସମ୍ବଲପୁର: ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ପୁଣି ବଢ଼ିବାରେ ଲାଗିଛି। ମଙ୍ଗଳବାରର ସଦ୍ୟତମ ୩ ଘଣ୍ଟିଆ ରିଜର୍ଭୟାର ରିପୋର୍ଟ ଅନୁଯାୟୀ, ହୀରାକୁଦର ଜଳସ୍ତର ୬୨୦.୦୨ ଫୁଟ୍‌ରେ ପହଞ୍ଚିଛି। ଜଳପ୍ରବେଶ ବଢୁଥିବାରୁ ଜଳଭଣ୍ଡାରର ୧୪ଟି ସ୍ଲୁଇସ୍ ଗେଟ୍ ଖୋଲା ରଖାଯାଇଛି।ଖୋଲା ଥିବା ୧୪ଟି ଗେଟ୍ ମଧ୍ୟରୁ ବାମ ପାର୍ଶ୍ୱରେ ୯ଟି ଏବଂ ଡାହାଣ ପାର୍ଶ୍ୱରେ ୫ଟି ଗେଟ୍ ରହିଛି। ଜଳଭଣ୍ଡାରକୁ ହାରାହାରି ୨,୨୪,୬୧୪ କ୍ୟୁସେକ୍ ପାଣି ପ୍ରବେଶ କରୁଥିବା ବେଳେ ହାରାହାରି ୧,୯୯,୨୬୪ କ୍ୟୁସେକ୍ ପାଣି ନିଷ୍କାସିତ ହେଉଛି।



ନିଷ୍କାସିତ ପାଣି ମଧ୍ୟରୁ ସ୍ପିଲୱେ ଦେଇ ୧,୬୪,୫୩୫ କ୍ୟୁସେକ୍ ଏବଂ ପାୱାର ଚ୍ୟାନେଲ ଦେଇ ୩୧,୭୫୬ କ୍ୟୁସେକ୍ ପାଣି ଛଡ଼ାଯାଉଛି। ଶିଳ୍ପ ବ୍ୟବହାର ପାଇଁ ପ୍ରାୟ ୨୨୯ କ୍ୟୁସେକ୍ ଏବଂ କେନାଲ ଦେଇ ୨,୭୪୪ କ୍ୟୁସେକ୍ ପାଣି ନିଷ୍କାସନ ହେଉଛି।ଏପଟେ ହୀରାକୁଦରୁ ଅଧିକ ପରିମାଣରେ ପାଣି ଛଡ଼ାଯିବା ପରେ ତଳମୁଣ୍ଡର ବିଭିନ୍ନ ନଦୀ ଗେଜ୍‌ରେ ମଧ୍ୟ ଜଳପ୍ରବାହ ବଢୁଥିବା ଦେଖାଯାଇଛି। ଖଇରମାଳରେ ଜଳପ୍ରବାହ ୨,୬୪,୦୦୦ କ୍ୟୁସେକ୍ ରେକର୍ଡ ହୋଇଥିବା ବେଳେ ବରମୂଳରେ ୧,୪୪,୦୦୦ କ୍ୟୁସେକ୍ ରହିଛି। ମୁଣ୍ଡଳୀରେ ୧,୬୦,୯୩୮ କ୍ୟୁସେକ୍ ପାଣି ପ୍ରବାହିତ ହେଉଛି ଏବଂ ଏଠାରେ ସ୍ଥିତି ସ୍ଥିର ରହିଛି। ସେହିପରି ବେଲଗାଁରେ ୧୯,୦୦୦ କ୍ୟୁସେକ୍ ଏବଂ ପଥର୍ଲାରେ ୪୮,୭୩୬ କ୍ୟୁସେକ୍ ଜଳପ୍ରବାହ ରେକର୍ଡ ହୋଇଛି।ସନ୍ଧ୍ୟା ୫ଟା ସୁଦ୍ଧା ହୀରାକୁଦରୁ ମୋଟ ୨,୫୩,୯୮୭ କ୍ୟୁସେକ୍ ପାଣି ଛଡ଼ାଯାଉଥିବା ସୂଚନା ମିଳିଛି। ଏଥିରୁ ୨,୧୯,୪୦୮ କ୍ୟୁସେକ୍ ପାଣି ସ୍ପିଲୱେ ଦେଇ ନିଷ୍କାସିତ ହେଉଛି। ଜଳଭଣ୍ଡାରର ଜଳସ୍ତର ବଢୁଥିବା ଏବଂ ତଳମୁଣ୍ଡକୁ ବିପୁଳ ପରିମାଣର ପାଣି ଛଡ଼ାଯାଉଥିବାରୁ ମହାନଦୀ ଅବବାହିକାର ସ୍ଥିତି ଉପରେ କର୍ତ୍ତୃପକ୍ଷ ନଜର ରଖିଛନ୍ତି। ବିଶେଷକରି ତଳମୁଣ୍ଡର ଅଞ୍ଚଳଗୁଡ଼ିକରେ ଜଳପ୍ରବାହ ଓ ନଦୀର ଜଳସ୍ତରକୁ ନିରନ୍ତର ମନିଟରିଂ କରାଯାଉଛି।

## ବନ୍ୟା ପରେ ଜଳବାହିତ ରୋଗ ରୋକିବାକୁ ପଦକ୍ଷେପ

ଭୁବନେଶ୍ୱର,୧୮।୮(ନି.ପ୍ର.): ବନ୍ୟା ପରେ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ନେଇ ତତ୍ପର ହୋଇଛି ଓଡ଼ିଶା ସରକାର। ବନ୍ୟା ପ୍ରଭାବିତ ଅଞ୍ଚଳରେ ସୁରକ୍ଷିତ ପାନୀୟ ଜଳ ଯୋଗାଣକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଥିବା ବେଳେ ଜଳ ଉତ୍ସଗୁଡ଼ିକର ବିଶୋଧନ ସହ ନିୟମିତ ଭାବେ ପାଣିର ମାନ ପରୀକ୍ଷା କରାଯାଉଛି।ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋସିଆଲ ମିଡିଆରେ ଏନେଇ ସୂଚନା ଦେଇଛନ୍ତି। ଅଗଷ୍ଟ ୧୭ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା ବନ୍ୟା ପ୍ରଭାବିତ ଅଞ୍ଚଳର ୧୪୬୧ଟି ନଳକୂପ ଏବଂ ୮୯ଟି ପାଇପ୍‌ଡ ୱାଟର ସପ୍ଲାଏ ପ୍ରକଳ୍ପର ଜଳ ଉତ୍ସକୁ ବିଶୋଧିତ କରାଯାଇଛି।କେବଳ ଜଳ ଉତ୍ସ ବିଶୋଧନ ନୁହେଁ, ପାଣି ପିଇବା ଯୋଗ୍ୟ କି ନାହିଁ, ସେନେଇ ନିୟମିତ ଭାବେ ଜଳର ଗୁଣବତ୍ତା ପରୀକ୍ଷା କରାଯାଉଛି। ଲୋକଙ୍କ ପାଖରେ ଯେପରି ସୁରକ୍ଷିତ ପାନୀୟ ଜଳ ପହଞ୍ଚିବ, ତାହା ଉପରେ ବିଭାଗୀୟ ଅଧିକାରୀମାନେ ନଜର ରଖିଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଜଳ ଯୋଗାଣକୁ ସ୍ୱାଭାବିକ ରଖିବା ପାଇଁ ୨୭ଟି ପାଣି ଟ୍ୟାଙ୍କର, ୬୯ଟି ସିଣ୍ଟେକ୍ସ ଟ୍ୟାଙ୍କ ଗାଡ଼ି ଏବଂ ୬ଟି ମୋବାଇଲ ଟ୍ରିଟମେଣ୍ଟ ୟୁନିଟ୍ ନିୟୋଜିତ ହୋଇଛି। ବିଦ୍ୟୁତ୍ ସରବରାହ ବନ୍ଦ ଥିବା ଅଞ୍ଚଳରେ ଡିଜି ସେଟ୍ ମାଧ୍ୟମରେ ପିଡବ୍ଲୁଏସ୍ ପ୍ରକଳ୍ପଗୁଡ଼ିକୁ ଚାଲୁ ରଖାଯାଉଛି।ସେହିପରି ବନ୍ୟା ପ୍ରଭାବିତ ଅଞ୍ଚଳ ଓ ରିଲିଫ୍ କ୍ୟାମ୍ପଗୁଡ଼ିକରେ ତୁରନ୍ତ ସ୍ୱାସ୍ଥ୍ୟସେବା, ଔଷଧ ଓ ମେଡିକାଲ ଚେକ୍‌ଅପ୍ ଯୋଗାଇ ଦିଆଯାଉଛି। ଗର୍ଭବତୀ ମହିଳା, ଶିଶୁ, ବୃଦ୍ଧ ଓ ଅସୁସ୍ଥ ବ୍ୟକ୍ତିଙ୍କ ଉପରେ ବିଶେଷ ନଜର ରଖାଯାଇଛି।ବନ୍ୟା ପରେ ଜଳବାହିତ ରୋଗ ଯେପରି ନ ବ୍ୟାପେ, ସେଥିପାଇଁ ସରକାର ପ୍ରତିଷେଧମୂଳକ ପଦକ୍ଷେପ ନେଉଛନ୍ତି। କଣ୍ଟ୍ରୋଲ ରୁମ୍ ମାଧ୍ୟମରେ ସ୍ଥିତିର ନିରନ୍ତର ନିରୀକ୍ଷଣ କରାଯାଉଥିବା ବେଳେ ଆବଶ୍ୟକତା ଅନୁସାରେ ତୁରନ୍ତ ପଦକ୍ଷେପ ନିଆଯାଉଛି।





# ଆର୍ଥିକ ସାକ୍ଷରତା ଓ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଗଞ୍ଜାମ,୧୮।୮ :(ମନ୍ଥନ) ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଲୁରୁ ଛକ ସ୍ଥିତ ସରକାରୀ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଉଚ୍ଚ ବିଦ୍ୟାଳୟ ପରିସରରେ ଆର୍ଥିକ ସାକ୍ଷରତା ଅଭିଯାନ, ସାଇବର ସୁରକ୍ଷା ସଚେତନତା ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁନିଲ କୁମାର କେର୍କେଟା, ସମାଜ ମଙ୍ଗଳ ଅଧିକାରୀ ଦେବରଞ୍ଜନ ଦାଶ, ଏଏସ୍‌ପି ଛତ୍ରପୁର ସି.ଏଚ୍. ଜୱାହାର ଏବଂ ସାଇବର ପୋଲିସ ଷ୍ଟେସନ, ଛତ୍ରପୁରର ଏସ୍‌ଆଇ କିରଣ ଚନ୍ଦ୍ର ପାତ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ସଚେତନତା ଓ ସାଇବର ସୁରକ୍ଷା ସମ୍ପର୍କିତ ବିଭିନ୍ନ ଦିଗ ଉପରେ ମାର୍ଗଦର୍ଶନ ପ୍ରଦାନ



କରିଥିଲେ ।ବିଶେଷକରି ଡିଜିଟାଲ୍ ଯୁଗରେ ଅନଲାଇନ୍ ଆର୍ଥିକ କାରବାର ସମୟରେ ସତର୍କତା, ବ୍ୟାଙ୍କିଙ୍ଗ୍ ସେବାର ସୁରକ୍ଷିତ ବ୍ୟବହାର, ସାଇବର ଠକେଇରୁ ନିଜକୁ ସୁରକ୍ଷିତ ରଖିବା ଏବଂ ସନ୍ଦେହଜନକ ଲିଙ୍କ୍, କଲ୍ ଓ ବାର୍ତ୍ତା ପ୍ରତି ସତର୍କ ରହିବା ନେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା ।ଏହାସହିତ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇ ପରିବେଶ ସୁରକ୍ଷା ଓ ସବୁଜ ପରିବେଶ ସୃଷ୍ଟି ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀ ଓ କର୍ମଚାରୀ ଯୋଗଦେଇଥିଲେ ।ଭାରପ୍ରାପ୍ତ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ସୁଦାମ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା ।

# ଗୋପରେ ବିଜେପି ପକ୍ଷରୁ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥି ପାଳିତ

ଗୋପ, ୧୮।୮ :(ମନ୍ଥନ)ଭାରତୀୟ ଜନତା ପାର୍ଟି (ବିଜେପି) ଗୋପ ମଣ୍ଡଳ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ, ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥି ଶ୍ରଦ୍ଧା ଓ ସମ୍ମାନର ସହ ପାଳିତ ହୋଇଯାଇଛି । ଗୋପ ଅଞ୍ଚଳର ବିଭିନ୍ନ ସ୍ଥାନରେ ଆୟୋଜିତ ସ୍ମୃତିଚାରଣ ସଭାରେ ଦଳୀୟ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାମାନେ ଅଟଳଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ଅମର ସ୍ମୃତିକୁ ସ୍ମରଣ କରିଥିଲେ ।ସଭାରେ ବକ୍ତାମାନେ ଅଟଳଜୀଙ୍କ ସଂଘର୍ଷମୟ ରାଜନୈତିକ ଜୀବନ, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ରାଷ୍ଟ୍ରନିର୍ମାଣ ପ୍ରତି ତାଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ । ବିରୋଧୀ ଦଳରେ ଦୀର୍ଘ ସମୟ ରହିଥିଲେ ମଧ ନିଜର ଉଚ୍ଚ ରାଜନୈତିକ ମର୍ଯ୍ୟାଦା, ଯୁକ୍ତିସଙ୍ଗତ ଭାଷଣ ଓ ସମସ୍ତଙ୍କ ପ୍ରତି ସମ୍ମାନ ଯୋଗୁଁ ସେ ସମସ୍ତ ଦଳରେ ଆଦରଣୀୟ ହୋଇପାରିଥିଲେ ।ପ୍ରଧାନମନ୍ତ୍ରୀ ଭାବେ ତାଙ୍କ ଶାସନକାଳରେ ସ୍ୱର୍ଣ୍ଣିମ ଚତୁର୍ଭୁଜ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଓ ସର୍ବ ଶିକ୍ଷା ଅଭିଯାନ ଭଳି ପଦକ୍ଷେପ ଦେଶର ଭିତ୍ତିଭୂମି, ଗ୍ରାମୀଣ ସଂଯୋଗ ଓ ଶିକ୍ଷା କ୍ଷେତ୍ରକୁ ନୂଆ ଦିଗ ଦେଇଥିଲା । ୧୯୯୮ର ପୋଖରାନ୍ ଆଣବିକ ପରୀକ୍ଷଣ ମାଧ୍ୟମରେ ସେ ଭାରତର ରଣନୈତିକ ଆତ୍ମବିଶ୍ୱାସକୁ ବିଶ୍ୱସମୁଦାୟ ସମ୍ମୁଖରେ ପ୍ରକାଶ କରିଥିଲେ ।ଓଡ଼ିଶାର ବିକାଶରେ ଅଟଳଜୀଙ୍କ ଭୂମିକାକୁ ମଧ ସଭାରେ ସ୍ମରଣ କରାଯାଇଥିଲା । ୧୯୯୯ ମହାବାତ୍ୟା ପରେ ଓଡ଼ିଶାର ପୁନର୍ଗଠନ ପାଇଁ କେନ୍ଦ୍ରର ସହାୟତା, ଭୁବନେଶ୍ୱରରେ ଏମ୍ସ, ପାରାଦୀପରେ ଆଇଓସିଏଲ୍ ତୈଳ ବିଶୋଧନାଗାର ଭଳି ପ୍ରମୁଖ ପ୍ରକଳ୍ପ ସହ ଓଡ଼ିଶାର ବିକାଶରେ ତାଙ୍କ ସରକାରଙ୍କ ଭୂମିକାକୁ ନେତୃବୃନ୍ଦ ଉଲ୍ଲେଖ କରିଥିଲେଜନଜାତି ସମାଜର ବିକାଶ ପାଇଁ ସ୍ୱତନ୍ତ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଗଠନ ଏବଂ ଓଡ଼ିଶାର ଜୁଏଲ ଓରାମଙ୍କୁ କେନ୍ଦ୍ରୀୟ ଜନଜାତି ବ୍ୟାପାର ମନ୍ତ୍ରୀ ଭାବେ ଦାୟିତ୍ୱ ଦେବା ମଧ ତାଙ୍କ ନେତୃତ୍ୱର ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି କୁହାଯାଇଥିଲା ।ଏହି ଅବସରରେ ସାଂସଦ ପ୍ରତିନିଧି ସୁଶାନ୍ତ ସ୍ୱାଇଁ, ରାଜକିଶୋର ନାୟକ, ରାଜ୍ୟ କୃଷକ ମୋର୍ଚ୍ଚାର ପୂର୍ବତନ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ (ଲୁଲୁ), ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଗୋବିନ୍ଦ ପାଢୀ, ମାନଗୋବିନ୍ଦ ପରିଡ଼ା,ଯୁବ ମୋର୍ଚ୍ଚା ସଭାପତି ଅନୀଲ ପରମାଣିକ, ଉପସଭାପତି ଶିବାନୀ ଶଙ୍କର ସେଠୀ, ପ୍ରଦୀପ ବେହେରା, ତାରେଣି ଦାସ, ରୁଦ୍ର ମାଝୀ, ଦୀପକ ଦାଶ, ଦୀପକ ପଲେଇଙ୍କ ସମେତ ବିଭିନ୍ନ ମୋର୍ଚ୍ଚାର ପଦାଧିକାରୀ, ପଞ୍ଚାୟତ ସଭାପତି ଓ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ ।ସମସ୍ତେ ଅଟଳଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ଦେଶସେବା, ସୁଶାସନ, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ରାଷ୍ଟ୍ରନିର୍ମାଣର ଆଦର୍ଶକୁ ଆଗେଇ ନେବା ପାଇଁ ସଂକଳ୍ପ ନେଇଥିଲେ ।

# ପୁରୁଣାକୋଟ ବୃଦ୍ଧାଶ୍ରମ ପରିଦର୍ଶନ କଲେ ସାଂସଦ ରୁଦ୍ର ନାରାୟଣ ପାଣି

ଅନୁଗୋଳ, ୧୮।୮ :(ମନ୍ଥନ) ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଅନୁଗୋଳ ଜିଲ୍ଲା ସାତକୋଶିଆ ଅଭୟାରଣ୍ୟ ଅଂଚଳ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମ ରେ ଯୋଗ ଦେଇଛନ୍ତି । ବରିଷ୍ଠ ବିଜେପି ନେତା କାଳନ୍ଦି ପ୍ରଧାନ ଙ୍କ ମାତୃ ବିୟୋଗରେ ତାଙ୍କ ଗ୍ରାମ ଗଇନ୍ଦି ବାସଭବନ ପହଂଚି ଶୋକ ସନ୍ତପ୍ତ ପରିବାର



ଙ୍କୁ ସମବେଦନା ଜଣାଇଛନ୍ତି । ପରେ ପୂର୍ବତନ ସରପଞ୍ଚ ପୁରୁଣା କୋଟ ଅନନ୍ତ ବାସୁଦେବ ମହାନ୍ତି ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ପରିଚାଳିତ ପୁରୁଣାକୋଟ ସ୍ଥିତ ବୃଦ୍ଧାଶ୍ରମ ରେ ସାଂସଦ ଶ୍ରୀ ପାଣି ପହଂଚି ଅନ୍ତେବାସୀ ଙ୍କୁ ଭେଟି ଅଭାବ ଅସୁବିଧା ପଚାରି ବୁଝିଥିଲେ । ସାଂସଦ ଙ୍କ ସହ ପୂର୍ବତନ ଜିଲ୍ଲା ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲେଶ୍ୱର ପ୍ରଧାନ, କ୍ଷେତ୍ରୀୟ ଗଣମାଧମ ସଂଯୋଜକ ପର୍ଶୁରାମ ବାରିକ, ଜିଲ୍ଲା କୋଷାଧକ୍ଷ ବିଶ୍ୱଜିତ୍ ମିଶ୍ର, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ସରୋଜ ଜେନା ଓ ପୁରୁଣାକୋଟ ପଞ୍ଚାୟତର ନେତୃମଣ୍ଡଳୀ ଉପସ୍ଥିତ ଥିଲେ ।

# ଗ୍ରାମପଞ୍ଚାୟତ ଉନ୍ନୟନ ଯୋଜନା କର୍ମଶାଳା

## ଆବଣ୍ଟିତ ହେଲା ୨୦୨୬-୨୭ ବର୍ଷର ଅର୍ଥ ଆୟୋଗ ଅନୁଦାନ

ଡେଲାଙ୍ଗ, ୧୮।୮ :(ମନ୍ଥନ)ଗ୍ରାମ ପଞ୍ଚାୟତ ସ୍ତରୀୟ ଉନ୍ନୟନ ଯୋଜନା ପ୍ରସ୍ତୁତି, ଅନୁମୋଦନ, ଉପଯୋଗ, ତଥା ଷୋଡ଼ଶ କେନ୍ଦ୍ରୀୟ ଅର୍ଥ ଆୟୋଗ ଓ ଷଷ୍ଠ ରାଜ୍ୟ ଅର୍ଥ ଆୟୋଗଙ୍କ ମାର୍ଗଦର୍ଶିକା ଭିତ୍ତିରେ ପ୍ରତି ପଞ୍ଚାୟତ ପାଇଁ ଜନସଂଖ୍ୟା ଆନୁପାତିକ ଆର୍ଥିକ ଅନୁଦାନ ଆବଣ୍ଟନ କର୍ମଶାଳା ପୁରୀ ଜିଲ୍ଲା ଡେଲାଙ୍ଗ ପଞ୍ଚାୟତ ସମିତି କାର୍ଯ୍ୟାଳୟସ୍ଥ ସଭାକକ୍ଷରେ ସମ୍ପନ୍ନ ହୋଇଛି । ବିଡ଼ିଓ ସମୀର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ନୃସିଂହ ଚରଣ ମିଶ୍ର, କମ୍ପ୍ୟୁଟର ପ୍ରୋଗ୍ରାମ ମୁଖ୍ୟ ସତ୍ୟପୀର ବେହେରା ପ୍ରମୁଖ ଷୋଡ଼ଶ କେନ୍ଦ୍ରୀୟ ଅର୍ଥ ଆୟୋଗର ଉଭୟ ଆବଦ୍ଧ ଓ ଅନାବଦ୍ଧ ପାଣ୍ଠି ସହ ଷଷ୍ଠ ରାଜ୍ୟ ଅର୍ଥ ଆୟୋଗ ପାଣ୍ଠିର ଉପଯୋଗ ସମ୍ବଳିତ ମାର୍ଗଦର୍ଶିକା ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ । ବ୍ଲକର ସମସ୍ତ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏଡ଼ିଇଓ ମାନେ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ । ଅର୍ଥ ଆୟୋଗଙ୍କ ଅନୁଦାନ ଅର୍ଥରେ ସରକାରୀ ଓ ଅନୁଦାନପ୍ରାପ୍ତ ଉପ୍ରା ବିଦ୍ୟାଳୟର ନୂତନ ଭବନ ନିର୍ମାଣ ଓ ରକ୍ଷଣାବେକ୍ଷଣ, ଅଙ୍ଗନୱାଡି କେନ୍ଦ୍ରର ରକ୍ଷଣାବେକ୍ଷଣ, ପ୍ରାଣୀସମ୍ପଦ ସହାୟତା କେନ୍ଦ୍ରର ରକ୍ଷଣାବେକ୍ଷଣ, ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ରାସ୍ତା ଓ ଶଙ୍ଖ ନିର୍ମାଣ ଏବଂ ଉନ୍ନତିକରଣ, ଗ୍ରାମୀଣ ପାର୍କର ବିକାଶ, ଖେଳପଡିଆର ବିକାଶ, ଅନ୍ୟାନ୍ୟ ପୁଞ୍ଜିଗତ ସମ୍ବଳର ରକ୍ଷଣାବେକ୍ଷଣ ଆଦି କ୍ଷେତ୍ରରେ ପଞ୍ଚାୟତ ଅନୁଷ୍ଠାନମାନେ ଉପଯୋଗ କରିପାରିବେ ବୋଲି ପରାମର୍ଶ ଦିଆଯାଇଥିଲା । ଜନ ସଂଖ୍ୟା ଅନୁପାତରେ ବ୍ଲକର ୨୧ ପଞ୍ଚାୟତକୁ ୩ ଟି ଶ୍ରେଣୀଭୁକ୍ତ କରାଯାଇ ରାଜ୍ୟ ଓ କେନ୍ଦ୍ରୀୟ ଅର୍ଥ ଆୟୋଗଙ୍କ ଅର୍ଥ ବରାଦ କରାଯାଇଥିବା ବିଡ଼ିଓ ଶ୍ରୀ ବେହେରା ସୂଚନା ଦେଇଛନ୍ତି । ଅଭୟମୁଖୀ, ବେରବୋଇ, ମୁନିନ୍ଦା, ଖେଲୋର, ଶ୍ରୀପୁରୁଷୋତ୍ତମପୁର ଗ୍ରାମ ପଞ୍ଚାୟତ ପାଇଁ କେନ୍ଦ୍ରୀୟ ଅର୍ଥ ଆୟୋଗଙ୍କ ଅନାବଦ୍ଧ ପାଣ୍ଠି ୯,୬୨,୬୭୮, ଆବଦ୍ଧ ପାଣ୍ଠି ସେହି ପରିମାଣ, ରାଜ୍ୟ ଅର୍ଥ ଆୟୋଗ ପାଣ୍ଠି ୧୪,୮୯,୮୨୧ ଲେଖାଏଁ ଅର୍ଥ ରାଶି ଆବଣ୍ଟିତ ହୋଇଥିଲା ବେଳେ ଗୁଆଳିପଡା ପଞ୍ଚାୟତ ପାଇଁ ଅନାବଦ୍ଧ ପାଣ୍ଠିରୁ ୧୪, ୪୧, ୨୫୮ ଟଙ୍କା, ଆବଦ୍ଧ ପାଣ୍ଠିରୁ ୧୨, ୪୧,୨୫୮ ଟଙ୍କା ଓ ରାଜ୍ୟ ଆୟୋଗଙ୍କ ପାଣ୍ଠିରୁ ୧୯,୨୦,୯୩୭ଟଙ୍କା ଆବଣ୍ଟିତ ହୋଇଛି । ଅନ୍ୟାନ୍ୟ ପଂଚାୟତ ପାଇଁ କେନ୍ଦ୍ରୀୟ ଆୟୋଗ ଅନାବଦ୍ଧ ପାଣ୍ଠିରୁ ୧୧,୫୫,୨୧୨ ଟଙ୍କା ଲେଖାଏଁ ଓ ଆବଦ୍ଧ ପାଣ୍ଠିରୁ ଅନୁରୂପ ପରିମାଣର ଅର୍ଥ ଆବଣ୍ଟିତ ହୋଇଛି ଏବଂ ରାଜ୍ୟ ଆୟୋଗ ପାଣ୍ଠିରୁ ୧୯,୨୦, ୯୩୭ଟଙ୍କା ଲେଖାଏଁ ଆବଣ୍ଟିତ ହୋଇଥିବା ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି ।

# ଖୋର୍ଦ୍ଧା ଆଦର୍ଶ ଥାନା ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ ସହ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ

ଖୋର୍ଦ୍ଧା,୧୮।୮ :(ମନ୍ଥନ)ଖୋର୍ଦ୍ଧା ଟାଉନ ଆଦର୍ଶ ଥାନା ପରିସରରେ ଥାନା ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ ସହ ନିଶାମୁକ୍ତ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଥାନା ଅଧିକାରୀ ଶ୍ରୀ ସଞ୍ଜୟ ନାୟକଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିଲା ।ଏହି ଅବସରରେ ବରିଷ୍ଠ ନାଗରିକ ସୟଦ ଅନସର ଅଲ୍ଲୀ, ବିଜୟ ମହାପାତ୍ର, ତିତାଞ୍ଜଳି ମହାନ୍ତିଙ୍କ ସମେତ ଅନେକ ବରିଷ୍ଠ ନାଗରିକଙ୍କୁ ଥାନା ପକ୍ଷରୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା ।ଏହା ସହିତ ନିଶାମୁକ୍ତ ଭାରତ ଅଭିଯାନ ଅଧୀନରେ ନିଶାଦ୍ରବ୍ୟର କୁପରିଣାମ ଏବଂ ନିଶା କାରବାର ରୋକିବା ନେଇ ସଚେତନତା ସୃଷ୍ଟି କରାଯାଇଥିଲା । ଥାନା ଅଧିକାରୀ ଶ୍ରୀ ନାୟକ ନିଶାମୁକ୍ତ ଭାରତ ଅଭିଯାନରେ ସମସ୍ତ ନାଗରୀଙ୍କୁ ଶପଥ ପାଠ କରାଇଥିଲେ । ନିଜ ବକ୍ତବ୍ୟରେ



କହିଥିଲେ ଖୋର୍ଦ୍ଧାକୁ ନିଶା ମୁକ୍ତ କରିବା ପାଇଁ ପୁଲିସ ସହିତ ସାଧାରଣ ଲୋକଙ୍କ ସହଯୋଗ ଅତ୍ୟନ୍ତ ଆବଶ୍ୟକ ।ସେ କହିଥିଲେ, କୌଣସି ସ୍ଥାନରେ ନିଶା କାରବାର ଚାଲୁଥିବା ନେଇ ସୂଚନା ମିଳିଲେ ସାଧାରଣ ଲୋକ ପୁଲିସକୁ ଜଣାଇବା ଉଚିତ । ସୂଚନା ମିଳିବା ମାତ୍ରେ ପୁଲିସ ପକ୍ଷରୁ ତୁରନ୍ତ ଆଇନଗତ ପଦକ୍ଷେପ ନିଆଯିବ । ନିଶା କାରବାରରେ ସମ୍ପୃକ୍ତ ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇ ନିଶା କାରବାରକୁ ରୋକିବା ସହ ଅପରାଧୀଙ୍କ ମନରେ ଭୟବିତ ଜାଗ୍ରତ ହେବ ବୋଲି ଦର୍ଶାଇଥିଲେ । ଏଥିସହନିଶା କାରବାର ସମ୍ପର୍କରେ ସୂଚନା ପ୍ରଦାନ କରୁଥିବା ବ୍ୟକ୍ତିଙ୍କ ପରିଚୟକୁ ଗୋପନୀୟ ରଖାଯିବ ବୋଲି ଥାନା ଅଧିକାରୀ ଶ୍ରୀ ନାୟକ ସୂଚନା ଦେଇଥିଲେ । ଏହା ଦ୍ୱାରା ନିଶା କାରବାର ବିରୋଧରେ ଜନସାଧାରଣଙ୍କ ସହଯୋଗ ଆହୁରି ବଢ଼ିବ ବୋଲି ଆଶା ପ୍ରକାଶ କରାଯାଇଥିଲା । ଏହିକାର୍ଯ୍ୟକ୍ରମରେ ବହୁ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ ଖୋର୍ଦ୍ଧା ଆଦର୍ଶ ଥାନାର କର୍ମଚାରୀମାନେ ଉପସ୍ଥିତ ରହି ନିଶାମୁକ୍ତ ଭାରତ ଅଭିଯାନ ଗଠନ ପାଇଁ ସହଯୋଗର ହାତ ବଢ଼ାଇଥିଲେ ।

# ହୁମ୍ମାରେ ନିଜସ୍ୱ ଉଦ୍ୟମରେ ଚାଷୀ ସମସ୍ୟାର ସମାଧାନ କଲେ ସମିତି ସଭ୍ୟ ଧ୍ରୁବଚରଣ ପଲାଇ

ଗଞ୍ଜା. ୧୮।୮ :(ମନ୍ଥନ)ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମ୍ମା ଅଞ୍ଚଳରେ ଚାଷୀ ମାନଙ୍କ ସମସ୍ୟାକୁ ନେଇ ହୁମ୍ମା ସମିତିସଭ୍ୟ ଧ୍ରୁବଚରଣ ପଲାଇ ନିଜସ୍ୱ ଉଦ୍ୟମରେ ଜେସିବି ଲଗାଇ ସଶ୍ୟକ୍ଷେତ୍ରରେ ଜମି ରହିଥିବା ଜଳ କୁ ନିଷ୍କାସନ ବ୍ୟବସ୍ଥା କରିଛନ୍ତି । ଯାହାକୁନେଇ ଚାଷୀ ସମୁଦାୟ ପକ୍ଷରୁ ତାଙ୍କୁ ଉଚ୍ଚ ପ୍ରଶଂସା କରାଯାଇଛି । ସ୍ଥାନୀୟ ଅଞ୍ଚଳରେ ପ୍ଲଟିଙ୍ଗ କଲଭର୍ଟ ନିର୍ମାଣ କରି ନାଳ ପୋତିଦିଆଯାଇଥିବା ନେଇ ସୋମବାର ଚାଷୀ ମାନେ ଗଞ୍ଜାମ ତହସିଲଦାର ଙ୍କ ନିକଟରେ ଅଭିଯୋଗ କରିବା ସହ ଘୋର ଅସନ୍ତୋଷ ପ୍ରକାଶ କରିଥିଲେ ।

# ବାଉଁସିଆପଡା ସ୍ମଶାନ ଘାଟ ପ୍ରସଙ୍ଗ..... ଗ୍ରାମରେ ପହଞ୍ଚି ପ୍ରଶାସନ କଲା ସ୍ଥାନ ଚିହ୍ନଟ

ଗଞ୍ଜାମ,୧୮।୮ :(ମନ୍ଥନ)ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମ୍ମା ପଞ୍ଚାୟତ ର ବାଉଁଶିଆପଡା ଗ୍ରାମର ଶ୍ମଶାନ ଘାଟ ପ୍ରସଙ୍ଗକୁ ନେଇ ବିଭିନ୍ନ ଗଣ ମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି ।ମଂଗଳବାର କନିଷ୍ଠ ଯନ୍ତ୍ରୀ ଜୟସେନ ବେହେରା ଗ୍ରାମରେ ପହଞ୍ଚିଶ୍ମଶାନ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ କରିଥିବା ଦେଖିବାକୁ ମିଳିଛି । ପିଇଓ ଗୌରାଙ୍ଗ ଲେଙ୍କା ଙ୍କ ଉପସ୍ଥିତିରେ ସ୍ଥାନୀୟ ସମିତିସଭ୍ୟ ଧ୍ରୁବ ଚରଣ ପଲାଇ ଓ ଗ୍ରାମବାସୀଙ୍କ ସହ ଆଲୋଚନା ପରେ ସ୍ଥାନ ଚ଼ିହ୍ନଟ କରାଯାଇଛ । ସୂଚନାଯୋଗ୍ୟ ଯେ ଦୀର୍ଘ ବର୍ଷ ଧରି ସ୍ଥାନୀୟ ଗ୍ରାମବାସୀ ଶବଦାହ ନେଇ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଆସୁଥିଲେ । ବର୍ଷା ଦିନେ ଜଳ ଭାରା କେନାଲ ରେ ବଡ଼ କଷ୍ଟରେ ପାର ପଙ୍କ କାଦୁରେ ପଶି ଖୋଲା ଆକାଶ ତଳେ ଶବ ଦାହ କରିଆସୁଥିଲେ ।

# ଟେନସା ରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ ପାଳିତ ଓ ଜିଲ୍ଲା ସ୍ତରରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ

କୋଇଡା, ୧୮।୮ :(ମନ୍ଥନ)ସୁନ୍ଦରଗଡ଼ ଜିଲ୍ଲା ଟେନସା କଳାପରିଷଦ ପକ୍ଷରୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ ଓ ଜିଲ୍ଲା ସ୍ତରରେ ନୃତ୍ୟ ପ୍ରତିଯୋଗିତା ରବିବାର ଦିନ ଅନୁଷ୍ଠିତ ହୋଇ ଯାଇଛି ।ଟେନସା କଳାପରିଷଦର ସଭାପତି ଡାକ୍ତର ଏ. ପି ପଣ୍ଡା ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ଜୁନିୟର ଓ ସିନିୟର ଗ୍ରୁପ ର ମୋଟଭ ୨୦ ଟିମ ଭାଗ ନେଇଥିଲେ । ଏନେଇ ଏକ ସଭା ଆୟୋଜନ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା , ସଂମାନିତ ଅତିଥି ଭାବେ ଟେନସା ଗ୍ରାମ ପଞ୍ଚାୟତର ସରପଞ୍ଚ ଅନୀତ ପୂର୍ତ୍ତି,ଅନ୍ୟ ଅତିଥି ଭାବେ ବରସୁଆଁ ଲୌହ ଖଣି ଜି ଏମ ପି.ସି ବରୁଆ ପ୍ରମୁଖ ଯୋଗ ଦେଇଥିଲେ ।ସର୍ବ ପ୍ରଥମେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଫଟ ଚିତ୍ର ରେ ପୁଷ୍ପମାଲ୍ୟଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଟେନସା କଳା ପରିଷଦ ର ସମ୍ପାଦକ ଭଗବାନ ନାୟକ ମଞ୍ଚ ପରିଚାଳନା କରିଥିଲେ । ଅତିଥିମାନେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୀବନୀ ,ବୈଇଦେଶ୍ୟ ବିଳାସ କାବ୍ୟ ଉପରେ ଆଲୋକପାତ କରିଥିଲେ । ଟେନସା କଳାପରିଷଦ ଛାତ୍ରୀ ମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ ମାଧ୍ୟମରେ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ନୃତ୍ୟ ପ୍ରତିଯୋଗିତାରେ ବିଜୟ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରତିଯୋଗିତାରେଭାଗ ନେଇଥିବା ସମସ୍ତ ଟିମ କୁ ପୁରସ୍କାର ଟ୍ରଫି ପ୍ରଧାନ କରାଯାଇଥିଲା ।ଟେନସା କଳାପରିଷଦ ଛାତ୍ରୀ ମାନଙ୍କ ଦ୍ୱାର ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଶେଷ ରେ ରାଉରକେଲା ରୁ ଆସିଥିବା ଡ୍ୟାନ୍ସ ଗ୍ରୁପ ଦ୍ୱାରା ସୁନ୍ଦର ନୃତ୍ୟ ପରିବେଷଣ କରାଯାଇଥିଲା । ।ଟେନସା କଳାପରିଷଦର ଡାକ୍ତର ଏ ପି ପଣ୍ଡା, ଭଗବାନ ନାୟକ, ପି. ଏଲ ପରିଡା, ଯଶୋବନ୍ତ ବେହେରା ,ପିତବାସ ସେଠୀ, ବାବୁ ମିଶ୍ର, ରିଣ୍ଟୁ ମିଶ୍ର , ଲୋକନାଥ ପାତ୍ର, ଦୀପ୍ତି ରେଖ ପରିଡା ,ସମେତ କଳାପରିଷଦର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପୋଡମପେଟା ରେ ତ୍ରିରଙ୍ଗା ପରିକ୍ରମା କାର୍ଯ୍ୟକ୍ରମ

ଗଞ୍ଜାମ, ୧୮।୮ :(ମନ୍ଥନ) ସରକାରଙ୍କ ପକ୍ଷରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଗତ ୯ ତାରିଖ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ହରଘର ତ୍ରିରଙ୍ଗା କାର୍ଯ୍ୟକରିବା ପାଇଁ ଧାର୍ଯ୍ୟ କରାଯାଇଥିଲା । ଯେଉଁ କାର୍ଯ୍ୟକ୍ରମ ମାଧ୍ୟମରେ ସାଧାରଣ ଲୋକ ଙ୍କ ମଧ୍ୟରେ ଜାତୀୟତା ଭାବନା ଜାଗ୍ରତ କରାଯାଇପାରିବ । ଯାହାକୁ ନେଇ ଗଞ୍ଜାମ ଜିଲ୍ଲାର ସାମୁଦ୍ରିକ ମତ୍ସ୍ୟଜୀବୀ ସାମ୍ପ୍ରଦାୟର ଗ୍ରାମ ପୋଡାମପେଟା ଓ ଡ଼ି ଆର ପି କଲୋନୀରେ ସ୍ଥାନୀୟ ଅଂଚଳର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ ସୁନ୍ଦର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ର ସରକାର ଙ୍କ ଯୁବ ବ୍ୟାପର ଓ କ୍ରୀଡା ମନ୍ତ୍ରାଳୟ ମେରା ଯୁବା ଭାରତ ପକ୍ଷରୁ ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ପୋଡମପେଟା ଗ୍ରାମରେ ତ୍ରିରଙ୍ଗା ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଗଦର୍ଶନ ଫାଉଣ୍ଡେସନ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା,ଓ ଜେ ୟୁ ରାଜ୍ୟ ମହି ଆବାହିକା ତଥା ଆଶା ଇକବାଲ ଜାତୀୟ ପୁରସ୍କାର ପ୍ରାପ୍ତ ବିଜୟଲକ୍ଷ୍ମୀ



ମହାଙ୍କୁଡ଼ଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମାଜସେବୀ ଜେ. ଟିଟୁ ଓ ସି ଏଚ ପଦ୍ମିନୀଙ୍କ ନେତୃତ୍ୱରେ ୭୦ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଯୋଗଦେଇ ତ୍ରିରଙ୍ଗା ଜାତୀୟ ପତାକା ହାତରେ ଧରି ବିଭିନ୍ନ ନାରା ଦେଇ ଗ୍ରାମ୍ୟ ପରିକ୍ରମା କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ସାଇକେଲ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଥିଲା । ପରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଜାତୀୟ ସ୍ୱାଧୀନତା ଦିବସ ସମ୍ପର୍କିତ ବକ୍ତୃତା, ସଙ୍ଗୀତ ଓ କ୍ୟୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଜାତୀୟ ସଙ୍ଗୀତ ଗାନ କରିବା ସହ ଜାତୀୟ ପତାକା କୁ ସାଲାମ ଦେଇ ଉକ୍ତ କାର୍ଯ୍ୟକ୍ରମ ପାଳନ କରିଥିଲେ । ଶେଷରେ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ସ୍ୱପ୍ନ କୁ ସାକାର କରିବା ପାଇଁ ସ୍ଥାନୀୟ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଓଡିଶା ସାମ୍ବାଦିକ ସଙ୍ଘ ର ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ଦିଗଦର୍ଶନ ଅନୁଷ୍ଠାନର ଉପ ସଭାପତି ରାକେଶ କୁମାର ନୟକ, ସମାଜସେବୀ ରସଧାରମଣ ପାଢ଼ୀ, ସି ଏଚ ବାବାଜୀ ଓ ସି ଏଚ ଗୌରହରି ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚସିନ ରହିଥିଲେ । ଶେଷରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

# ଅସ୍ତରଙ୍ଗ ପ୍ରେସ କ୍ଲବର ରାଜ୍ୟ ସ୍ତରୀୟ ୧୦ ମ ବାର୍ଷିକ ଉତ୍ସବ

ପୁରୀ,୧୮।୮ :(ମନ୍ଥନ)ପୁରୀ ଜିଲ୍ଲା ଅସ୍ତରଂଗ ପ୍ରେସ କ୍ଲବର ରାଜ୍ୟ ସ୍ତରୀୟ ୧୦ ମ ବାର୍ଷିକ ଉତ୍ସବ ଓ କଳିଙ୍ଗ ରତ୍ନ ସମ୍ମାନ ୨୦୨୬ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଅସ୍ତରଂଗ ବଜାରରେ ବର୍ଣ୍ଣାଢ୍ୟ ଆୟୋଜିତ ସମାବେଶରେ କ୍ଲବ ର ସଭାପତି ଶରତ କୁମାର ପରିଡ଼ା ଅଧକ୍ଷତା କରିଥିଲେ । ଉଦ୍ଘାଟକ ଭାବେ ପୁରୀ ଜିଲ୍ଲା ମାଟ୍ରିକ ଟପର ସୁଶ୍ରୀ ପ୍ରିୟଙ୍କା ମହାପାତ୍ର ଯୋଗ ଦେଇ କାର୍ଯ୍ୟକ୍ରମର ଆନୁଷ୍ଠାନିକ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ନମ୍ରତା ଚଢା ଯୋଗ ଦେଇ ସ୍ୱାଧୀନ ଭାରତ ବନାମ ଗଣମାଧ୍ୟମ : ଭାରତ ବାଣ୍ଟୁଛି ଶାନ୍ତିର ବାର୍ତ୍ତା ସମ୍ପର୍କରେ ନିଜର ଅଭିଭାଷଣ ରଖିଥିଲେ । ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ସୁଜ୍ଞାନ ଚୌଧୁରୀ ଯୋଗ ଦେଇ ନିଜ ବକ୍ତବ୍ୟରେ ଆଜିର ପରିସ୍ଥିତିରେ ଗଣମାଧମ କିପରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛି ସେ ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରେସ କ୍ଲବର ଶୃଙ୍ଖଳା କମିଟି ଅଧକ୍ଷ ଜଗନ୍ନାଥ ବେହୁରା ଯୋଗ ଦେଇ ନିଜର ଅଭିଭାଷଣ ରଖିଥିବା ବେଳେ ସଭାପତି ଶ୍ରୀ ଶରତ କୁମାର ପରିଡ଼ା ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଭବ୍ୟ ସମାବେଶରେ ଯୋଗଦେଇଥିବା ମୟୂରଭଞ୍ଜ, ଅନୁଗୁଳ,



ଯାଜପୁର, ପୁରୀ, ସମ୍ବଲପୁର, ଭୁବନେଶ୍ୱର, ବଲାଙ୍ଗୀରି, କୋରାପୁଟ ଭଳି ବିଭିନ୍ନ ଅଞ୍ଚଳର ଆଦର୍ଶ ଶିକ୍ଷକ ଶିକ୍ଷୟତ୍ରୀ, ଲେଖକ ଲେଖିକା, ସମାଜସେବୀ, କଳାକାର ଓ ସାମ୍ବାଦିକମାନଙ୍କୁ କଳିଙ୍ଗ ରତ୍ନ ସମ୍ମାନ ୨୦୨୬ ରେ ସମ୍ବର୍ଦ୍ଧିତ କରାଯାଇଥିଲା । ' ସମାଜ ' ର ଉତ୍ତର ଭୁବନେଶ୍ୱର ପ୍ରତିନିଧି କ୍ଷୀରୋଦ କୁମାର ବେହେରାଙ୍କୁ ସାମ୍ବାଦିକତାକୁ ପେଶା ଭାବେ ନନେଇ ବରଂ ସମାଜ ପ୍ରତି ନିଜର ଏକ ଦାୟିତ୍ୱ ଓ ନିଷ୍ଠାର ସହିତ ଆଦର୍ଶକୁ ଜୀବନକୁ ବ୍ରତ ଭାବେ ଗ୍ରହଣ କରିଆସିଥିବା ନିଜ ବ୍ୟକ୍ତିଗତ ଓ ପାରିବାରିକ ଜୀବନର ସୁଖ , ସୁବିଧା ଓ ସମୟକୁ ଦୃଷ୍ଟି ନ ଦେଇ ଜନସାଧାରଣଙ୍କ ସ୍ୱାର୍ଥରେ ଅବିରତ କାର୍ଯ୍ୟ କରିଆସୁଥିବା ଏବଂ ସାଧାରଣ ଲୋକଙ୍କ ସମସ୍ୟା , ସାମାଜିକ ଅସଙ୍ଗତି , ଉନ୍ନତି ମୂଳକ ପ୍ରସଙ୍ଗ ଓ ସତ୍ୟ ବିଷୟ ବସ୍ତୁକୁ ନେଇ ନିଷ୍ଠାର ସହିତ କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ଦାୟକ ହୋଇଥିବାରୁ ଚଳିତ ଥର ପାଇଁ କଳିଙ୍ଗ ରତ୍ନ ସମ୍ମାନ ୨୦୨୬ ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ଆନି ଶତପଥୀଙ୍କ ମଞ୍ଚ ସଂଯୋଜନାରେ ମହାମାନ୍ୟ ରାଜ୍ୟପାଳ, ପୁରୀ ଜିଲ୍ଲାପାଳ, ପୁରୀ ଉପାଧକ୍ଷ, ସାଂସଦ ଓ ବିଧାୟକଙ୍କ ଭଳି ବହୁ ମାନ୍ୟଗଣ୍ୟ ବ୍ୟକ୍ତିତ୍ୱଙ୍କ ଶୁଭେଚ୍ଛା ବାର୍ତ୍ତା ପାଠ କରାଯାଇଥିବାବେଳେ ସକାଳ ସମୟରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ଅସ୍ତରଙ୍ଗ ତହସିଲର ଅତିରିକ୍ତ ତହସିଲଦାର ଅମିତ ରାୟ ଜାତୀୟ ପତାକା ଉତ୍ତଳନ କରିଥିଲେ । ଅପରାହ୍ନରେ ସ୍ୱାଧୀନ ଭାରତ ବନାମ ଗଣମାଧ୍ୟମ : ଭାରତ ବାଣ୍ଟୁଛି ଶାନ୍ତିର ବାର୍ତ୍ତା ସମ୍ପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଶେଷରେ କ୍ଲବର ସାଧାରଣ ସମ୍ପାଦକ ବୃନ୍ଦାବନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିବାବେଳେ ମୁଖ୍ୟ ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପରିଡା, କାର୍ଯ୍ୟାଳୟ ସମ୍ପାଦିକା ଅମ୍ରିତା ମହାନ୍ତି, ଉପସଭାପତି ମମତା ଜେନା, କୋଷାଧକ୍ଷ ପ୍ରିୟବ୍ରତ ମୁଦୁଲି, ପ୍ରଶାନ୍ତ ଜେନା ଜ୍ୟୋତିଶଙ୍କର ଦାଶ ପ୍ରମୁଖ ସକ୍ରିୟ ସହଯୋଗ କରି ବାହି ନେଇଥିଲେ ।

# ଭୁଶୁଡିଲା କାନ୍ଥ, ଅଳ୍ପକେ ବର୍ତ୍ତିଲେ ପରିବାର

ମୋରଡା,୧୮।୮ :(ମନ୍ଥନ) ମୟୂରଭଞ୍ଜ ଜିଲ୍ଲାରେ ଗତ କିଛି ଦିନ ଧରି ଲାଗି ରହିଥିବା ଲଗାଣ ବର୍ଷା ଯୋଗୁଁ କ୍ଷୟକ୍ଷତି ବଢି ଚାଲିଛି । ଶୁଳିଆପଦା ବ୍ଲକ ଅନ୍ତର୍ଗତ ଭୋଲା ଗାଁରେ ବର୍ଷା ପାଣିରେ ବତୁରି ଯାଇ ଜଣେ ବ୍ୟକ୍ତିଙ୍କ ଗୁହାଳ ଘରର କାନ୍ଥ ଭୁଷୁଡି ପଡିଛି । ତେବେ ଭାଗ୍ୟବଶତଃ ଏହି ଅଘଟଣରେ କୌଣସି ଜୀବନ ହାନି ଘଟି ନାହିଁ । ସୂଚନା ଅନୁସାରେ ଭୋଲା ଗାଁର ମନୋରଞ୍ଜନ ପାତ୍ରଙ୍କ ଘରେ ଗତ ରାତି ପ୍ରାୟ ୩ ଟା ସମୟରେ ଏହି ଅଘଟଣ ଘଟିଛି । ଲଗାଣ ବର୍ଷା ଯୋଗୁଁ ଗୁହାଳ ଘରର ମାଟି କାନ୍ଥ ସମ୍ପୂର୍ଣ୍ଣ ବତୁରି ଯାଇ ହଠାତ୍ ଗଳି ପଡିଥିଲା । ସେତେବେଳେ ପରିବାର ଲୋକେ ଗୁହାଳ ପାଖରେ ନଥିବାରୁ ବଡ଼ ଅଘଟଣ ଟଳିଯାଇଛି । କିନ୍ତୁ କାନ୍ଥ ଗଳିବା ସମୟରେ ତାର ଆଘାତ ଯୋଗୁଁ ଗୁହାଳ ସହ ଲାଗି ରହିଥିବା ମୁଖ୍ୟ ଘର କାନ୍ଥରେ ଦୁଇଟି ସ୍ଥାନରେ ବଡ଼ ଫାଟ ଦେଖାଦେଇଛି । ଫଳରେ ପରିବାର ଲୋକେ ଏବେ ବିପଦ



ସଙ୍କୁଳ ଅବସ୍ଥାରେ ରହୁଛନ୍ତି ।ମନୋରଞ୍ଜନ ପାତ୍ର କହିଛନ୍ତି, 'ରାତିରେ ହଠାତ୍ ଜୋର୍ ଶବ୍ଦ ହେଲା । ଉଠି ଦେଖିଲା ବେଳକୁ ଗୁହାଳ କାନ୍ଥ ପୁରା ତଳେ ପଡିଯାଇଥିଲା । ଘର ମଧ ଫାଟି ଯାଇଛି । ଏବେ ପିଲାମାନଙ୍କୁ ନେଇ କେଉଁଠି ରହିବୁ ଚିନ୍ତାରେ ଅଛୁ' ।ଘଟଣା ପରେ ଗ୍ରାମର ଲୋକେ ଓ ପଞ୍ଚାୟତ ପ୍ରତିନିଧି ଘଟଣା ସ୍ଥଳ ପରିଦର୍ଶନ କରିଛନ୍ତି । ବ୍ଲକ ପ୍ରଶାସନକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ସହ ବିପଦ ସଙ୍କୁଳ ଘରକୁ ମରାମତି କିମ୍ବା ନୂତନ ଘର ଯୋଗାଇ ଦେବାକୁ ଦାବି ହୋଇଛି ।ଲଗାଣ ବର୍ଷା ଯୋଗୁଁ ଜିଲ୍ଲାର ଅନେକ ସ୍ଥାନରେ ମାଟି ଘର ଓ ଗୁହାଳ ଭୁଷୁଡିବା ଆଶଙ୍କା ରହିଛି । ପ୍ରଶାସନ ପକ୍ଷରୁ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ।

ବୁଧବାର ୧୯ ଅଗଷ୍ଟ, ୨୦୨୬, ଭୁବନେଶ୍ୱର
Wednesday, August 19, 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଦିମାଗି ନକ୍ସଲ

ଦେଶରୁ ଆମେ ଅସ୍ତ୍ରଶସ୍ତ୍ରଧାରୀ ନକ୍ସଲ ଦମନ କରିବା ପରେ ଏବେ ଦିମାଗି ନକ୍ସଲମାନେ ଅସ୍ଥିରତା ସୃଷ୍ଟି କରିବା ପାଇଁ ସୁଯୋଗ ଖୋଜୁଛନ୍ତି ଓ ୮୦ ତମ ସ୍ୱାଧୀନତା ଦିବସ ଅଭିଭାଷଣ ଅବସରରେ ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏଭଳି ବକ୍ତବ୍ୟ ଶ୍ରବଣ କରି କିଛି ବିସ୍ମିତ ହେବାର ଆବଶ୍ୟକତା ନାହିଁ । ପୂର୍ବରୁ ମୋଦିଜୀ ଅର୍ବାନ ନକ୍ସଲ, ଆନ୍‌ଦୋଳନଜୀବୀ, ଟୁକଡେ ଟୁକଡେ ଗ୍ୟାଙ୍ଗ ଏପରି ଅନେକ ନୂତନ ଶବ୍ଦ ସୃଷ୍ଟି କରିଛନ୍ତି ଯାହାକି ବିଜେପିର ଶବ୍ଦକୋଷରେ ଲିପିବଦ୍ଧ ହୋଇ ରହିଯାଇଛି । ସଂସଦର ମୌସୁମୀ ଅଧିବେଶନରୁ ଉଭୟ ପ୍ରଧାନମନ୍ତ୍ରୀ ଓ ଗୃହ ମନ୍ତ୍ରୀ ଗାଏବ ରହିବା ଏବଂ ଶେଷ ମୁହୂର୍ତ୍ତରେ ଆସି ବନ୍ଦେ ମାତରଂ ଗାନ କରିବା ହୁଏତ ବିଜେପି ସରକାରକୁ ଏକମାତ୍ର ଦେଶପ୍ରେମୀ ଓ ରାଷ୍ଟ୍ରବାଦୀ ଦଳ ରୂପରେ ଚିତ୍ରଣ କରିପାରେ କିନ୍ତୁ ଦେଶର ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ନାଗରିକ ସାମ୍ପ୍ରତିକ ରାଜନୀତିରେ ବିଜେପିର ବିଫଳତା ଓ ଦମନମୂଳକ ଶାସନକୁ ପ୍ରତ୍ୟାଖ୍ୟାନ କରି ଗଣତାନ୍ତ୍ରିକ ପଦ୍ଧତିରେ ବିକଳ୍ପର ଅନୁସନ୍ଧାନ କରିବାର ରଣନୀତି ପ୍ରସ୍ତୁତ କରୁଛନ୍ତି । ପ୍ରଥମେ ସୁପ୍ରିକୋର୍ଟର ମୁଖ୍ୟ ନ୍ୟାୟାଧୀଶ କକ୍ରୋଚ ପାର୍ଟିକୁ ଜନ୍ମ ଦେଲେ, ଏବେ ଖୋଦ ପ୍ରଧାନମନ୍ତ୍ରୀ ଦିମାଗି ନକ୍ସଲଙ୍କୁ ପ୍ରେରଣା ଦେଇଛନ୍ତି । ସମଗ୍ର ଦେଶରେ ଶିକ୍ଷା ବ୍ୟବସ୍ଥାର ଅଧୋଗତି, ପୋଲିସର ଦମନଲୀଳା, ବେଲଗାମ ଦରଦାମ, ଧାର୍ମିକ ଉନ୍ମାଦନା, ବେରୋଜଗାରୀ, ରାମ ମନ୍ଦିରରୁ ଚାନ୍ଦା ଚୋରି, ବିଫଳ ବିଦେଶ ନୀତି,ଟଙ୍କାର ଅବମୂଲ୍ୟାୟନ, ଋଣ ବୋଝ, ଟିକସ ମାଧ୍ୟମରେ ଶୋଷଣ, ନାରୀ ନିର୍ଯ୍ୟାତନା, ଅପରାଧୀଙ୍କୁ ସଂରକ୍ଷଣ ଆଦି ପ୍ରସଙ୍ଗଗୁଡିକୁ ଏଡାଇଯିବା ଆଉ ସମ୍ଭବପର ହେବନି – ହୁଏତ ବିଜେପିର ତଥାକଥିତ ନେତାମାନେ ଏହା ଉପଲବ୍ଧି କରିପାରିଛନ୍ତି ଓ ସାଧୁ ସନ୍ଥମାନେ ମଧ ହିନ୍ଦୁତ୍ୱବାଦୀ ମୁଖା ପିନ୍ଧିଥିବା କ୍ଷମାତାଲୋଭୀ ବିଜେପି – ଆରଏସଏସର ପ୍ରକୃତ ପରିଚୟ ଜାଣିଗଲେଣି ଓ ଗାଦି ଚାଲିଯିବା ଭୟରେ ବିଜେପି ନେତା ପ୍ରମାଦ ଗଣିଲେଣି ଓ ଦେଶରେ ଶାନ୍ତିପୂର୍ଣ୍ଣ ଆନ୍‌ଦୋଳନ ଚାଲିଛି ଓ ବିରୋଧୀ ଦଳ, ଜେନ -ଜି, ଜେନ -ଆଲଫା ଦେଶର ସମସ୍ୟା ଉପସ୍ଥାପନ କରୁଛନ୍ତି । ସମ୍ବିଧାନର ପରିଧି ମଧ୍ୟରେ ଓ ଗଣତାନ୍ତ୍ରିକ ପଦ୍ଧତି ଅନୁସାରେ ସମସ୍ୟା ସମ୍ପର୍କରେ ସରକାରଙ୍କୁ ଅବଗତ କରାଇବା ଓ ଜବାବ ମାଗିବା ସମ୍ପୂର୍ଣ୍ଣ ନ୍ୟାୟସଙ୍ଗତ -ଏଥିରେ କୌଣସି ଦ୍ୱିମତ ହେବାର ଅବକାଶ ନାହିଁ । ଏଭଳି ପ୍ରତିବାଦର ସ୍ୱରକୁ କେତେବେଳେ ଅର୍ବାନ ନକ୍ସଲ ପୁଣି କେତେବେଳେ ଦିମାଗି ନକ୍ସଲଙ୍କ ସ୍ୱର ବୋଲି ବିଚାର କରିବା ସହିତ ଜନମତକୁ ବିଭ୍ରାନ୍ତ କରିବାର କୌଣସି ପ୍ରକାର ଅପପ୍ରୟାସ ଆଉ ଗ୍ରହଣୀୟ ହୋଇପାରିବ ନାହିଁ । ସରକାର ଓ ସରକାରୀ ଦଳ ଏହାକୁ ବୁଝିଯିବା ଉଚିତ । ମୋଦି ଲୋକପ୍ରିୟତା ହରାଇଲେଣି ଓ ଗୃହ ମନ୍ତ୍ରୀ ପଛଘୁଞ୍ଚା ଦେଲେଣି ଓ ଆନ୍‌ଦୋଳନ କରୁଥିବା ଛାତ୍ର -ଛାତ୍ରୀଙ୍କ ଉପରେ ଅମାନୁଷିକ ଲାଠି ଚାଳନା, ପେଲେଟ ଗନ ବ୍ୟବହାର ଏପରିକି ବିହାରରେ ଏକେ -୪୭ ବନ୍ଧୁକ ଚଳାଇବା ପାଇଁ ଅନୁମତି କିଏ ଦେଇଥିଲା ଏ ନେଇ ସଂସଦରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ପ୍ରଶ୍ନର ଉତ୍ତର ଦେବା ବଦଳରେ ଗୃହ ମନ୍ତ୍ରୀ ସଂସଦରେ ଅନୁପସ୍ଥିତ ରହିବା ଘଟଣା ଦଳ ମଧ୍ୟରେ ମତାନ୍ତର । ମାନନ୍ତରର ପୂର୍ବାଭାସ ଦେଉଥିବାର ଅନୁମାନ କରାଯାଉଛି । ସରକାରଙ୍କ କାର୍ଯ୍ୟକଳାପରେ ଜନ ଆକ୍ରୋଶ ଓ ଅଶାନ୍ତିର ବାତାବରଣ ବଢ଼ିବାରେ ଲାଗିଛି । ଜନ୍ତର ମନ୍ତରରୁ ଆରମ୍ଭ ଆନ୍‌ଦୋଳନ ସାରା ଭାରତ ବର୍ଷରେ ଏକ କ୍ରାନ୍ତିକାରୀ ଆଭିମୁଖ୍ୟ ଗ୍ରହଣ କରିଛି ଓ ବିରୋଧୀ ଦଳଗୁଡିକୁ ଏହା ଅଧିକ ମଜବୁତ । ସଙ୍ଗଠିତ କରିବାରେ ସହାୟକ ହେବ ବୋଲି କୁହାଯାଉଛି ଓ ଏଭଳି ପରିସ୍ଥିତିରେ ପ୍ରଧାନମନ୍ତ୍ରୀ ଦିମାଗି ନକ୍ସଲ ଶବ୍ଦ ବ୍ୟବହାର କରିବା ଶିକ୍ଷିତ ବୁଦ୍ଧିଜୀବୀ ସମାଜ ପ୍ରତି ଏକ ଆହ୍ୱାନ ବୋଲି ମନେକରାଯାଉଛି ଓ ଆଗାମୀ ଦିନରେ ଦେଶର ପରିସ୍ଥିତି କଣ ହେବ ସେ ନେଇ ସରକାର ଗମ୍ଭୀରତାର ସହିତ ଅନୁଶୀଳନ କରିବା ପରିବର୍ତ୍ତ? ଆକ୍ଷେପମୂଳକ ଶବ୍ଦ ବ୍ୟବହାର କରି ପରିସ୍ଥିତିକୁ ଅଧିକ ଜଟିଳ କରୁଥିବା ଦୁର୍ଭାଗ୍ୟଜନକ ବୋଲି କୁହାଯାଇପାରେ ।

# ଆଜିର ଆବଶ୍ୟକତା ବିଜ୍ଞାନ ଭିତ୍ତିକ ଶିଶୁ ଯତ୍ନ

ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଶିଶୁଙ୍କର ଯତ୍ନ ନେବା ଏବଂ ସେମାନଙ୍କୁ ସୁସ୍ଥ ଓ ସୁଖୀ ଭାବେ ବଡ଼ କରିବା ଏକ ଆହ୍ୱାନପୂର୍ଣ୍ଣ କାମ। ତେବେ ଅନେକ ସମୟରେ ପିତାମାତା ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଶିଶୁଙ୍କ ସ୍ୱାସ୍ଥ୍ୟକୁ ଅଜାଣତରେ କ୍ଷତିଗ୍ରସ୍ତ କରିଦିଅନ୍ତି। ଆମ ଦେଶରେ ଏପରି ଅନେକ ପାରମ୍ପରିକ ରୀତି ଓ ଅଭ୍ୟାସ ପ୍ରଚଳିତ, ଯାହା ବୈଜ୍ଞାନିକ ଚିନ୍ତାଧାରାର ବିପରୀତ ଏବଂ ଶିଶୁର ସମଗ୍ର ବିକାଶ୍ରେ ବାଧା ଦିଏ। ତେଣୁ ଆମକୁ ବିଜ୍ଞାନ ଭିତ୍ତିକ ଶିଶୁ ଯତ୍ନ ଶିକ୍ଷା ଗ୍ରହଣ କରିବାକୁ ପଡ଼ିବ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

ଆମ ଦେଶରେ ଶିଶୁଯତ୍ନକୁ ନେଇ ଅନେକ ପାରମ୍ପରିକ ରୀତିନୀତି ରହିଛି ଯାହା ଦୃଢ଼ ସାମାଜିକ ଏବଂ ପାରିବାରିକ ସମ୍ପର୍କ ଗଠନ କରିବାରେ ସାହାଯ୍ୟ କରେ। ତେବେ ସେଥି ମଧ୍ୟରୁ କିଛି ଶିଶୁର ଶାରୀରିକ ଓ ମାନସିକ ବିକାଶ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ସେଭଳି କିଛି ଅଭ୍ୟାସ ବାବଦରେ ଜାଣିବା।

ପାରମ୍ପରିକ ଅଭ୍ୟାସ ସ୍ୱରୂପ ପ୍ରସବ ପରେ ପ୍ରସୂତୀଙ୍କ ଖାଦ୍ୟ ଉପରେ ଅନେକ କଟକଣା ଜାରି କରାଯାଇଥାଏ। ଯାହା କୁପୋଷଣ ଓ ଅପପୁଷ୍ଟିର ପ୍ରମୁଖ କାରଣ ଭାବରେ ଚିହ୍ନଟ କରାଯାଇଛି। ଅନେକ ପିତାମାତା ଶିଶୁର ଖେଳ ଆଧାରିତ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷାକୁ ବାଦ ଦେଇ ପ୍ରାରମ୍ଭିକ ସ୍ତରରୁ ପରୀକ୍ଷାରେ ସଫଳତା ଏବଂ ଘୋଷିବା ମାଧ୍ୟମରେ ତଥ୍ୟ ମନେ ରଖିବା ଉପରେ ଧ୍ୟାନ ଦେଇଥାନ୍ତି। କିନ୍ତୁ ଗବେଷଣାରୁ ପ୍ରମାଣିତ ହୋଇଛି ଯେ ଖେଳ ଆଧାରିତ ଓ ପୂର୍ଣ୍ଣାଙ୍ଗ ଶିକ୍ଷା ଉପରେ ଗୁରୁତ୍ୱ ସେମାନଙ୍କ ଠାରେ ତାର୍କିକ ଚିନ୍ତନ ଏବଂ ସମସ୍ୟା ସମାଧାନ ଦକ୍ଷତା ବିକାଶ କରିଥାଏ। ନବଜାତ ଶିଶୁଙ୍କ ଯତ୍ନ ନିମନ୍ତେ ନାକରେ ତେଲ ଲଗାଇବା, ରୋଗ ପ୍ରତିରୋଧକ ଶକ୍ତି ପାଇଁ ଶିଶୁକୁ ମହୁ ପିଆଇବା, ଦୃଷ୍ଟି ଶକ୍ତି ଉନ୍ନତ କରିବା ପାଇଁ ଆଖିରେ କଜଳ ଲଗାଇବା, ମା'ଅସୁସ୍ଥ କିମ୍ବା ଜ୍ୱରାକ୍ରାନ୍ତ ଥିଲେ ସ୍ତନ୍ୟପାନ ବନ୍ଦ କରାଇବା, ଡିହାଇଡ୍ରେସନ ପାଇଁ ପାଣି ବଦଳରେ ଗ୍ଲୁକନ-ଡି, ଓଆରଏସ କିମ୍ବା ଏନର୍ଜି ଡ୍ରିଙ୍କ ଦେବା, ହାକୁଟି ବନ୍ଦ ହେବା ପାଇଁ ପେଟରେ ମୁଦ୍ରା, ଗରମ ଚାମଚ କିମ୍ବା ଷ୍ଟିଲ ପାତ୍ର ରଖିବା, କାଶ ଥଣ୍ଡା ହୋଇଥିବା ପିଲାଙ୍କୁ ଅଣ୍ଡା, ମାଛ କିମ୍ବା ମାଂସ ନ ଦେବା, ପିଲାଙ୍କ ପାଇଁ ଘୁଟି, ଜନ୍ମ ଘୁଟି କିମ୍ବା ଘରୋଇ ଟନିକକୁ ନିରାପଦ ବିଚାରିବା ପରି କିଛି ପୁରୁଣା ପଦ୍ଧତି ପିଢ଼ି ପରେ ପିଢ଼ି ଅନୁସୃତ ହେଉଛି। ମାତ୍ର ସେଗୁଡ଼ିକ ସ୍ୱାସ୍ଥ୍ୟ ସମସ୍ରା ସୃଷ୍ଟି କରିପାରେ ବୋଲି ଶିଶୁ ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି।

ଅପରପକ୍ଷେ, ବିଜ୍ଞାନ ଭିତ୍ତିକ ଶିଶୁ ଯତ୍ନ ଶିଶୁ ବିକାଶର ଉପଯୁକ୍ତ ଅଭ୍ୟାସକୁ ଉତ୍ସାହିତ କରେ, ଯାହା ପିଲାର ଜ୍ଞାନାତ୍ମକ, ସାମାଜିକ ଓ ଆବେଗିକ ବିକାଶ ପାଇଁ ଜରୁରୀ। ସେଥି ମଧ୍ୟରେ ଖେଳ ଭିତ୍ତିକ ଶିକ୍ଷା, କେବଳ ଶିକ୍ଷାଗତ ସଫଳତା ଉପରେ ଧ୍ୟାନ ଦେବା ପରିବର୍ତ୍ତେ ପିଲାର ଶାରୀରିକ, ଆବେଗିକ, ବୌଦ୍ଧିକ ଓ ସାମାଜିକ ଦିଗକୁ ବିକଶିତ କରିବା, ଅଭିଭାବକ ଏବଂ ଯତ୍ନ ନେଉଥିବା ବ୍ୟକ୍ତିଙ୍କୁ ଶିଶୁ ସ୍ୱାସ୍ଥ୍ୟ ଓ ପୁଷ୍ଟି ବାବଦରେ ସୂଚନା ଦେବା ସମେତ ବିକାଶରେ ବିଳମ୍ବ ଓ ଅଭାବକୁ ଚିହ୍ନଟ କରି ସେଗୁଡ଼ିକର ତ୍ୱରିତ ସମାଧାନ ଅନ୍ତର୍ଭୁକ୍ତ।

**ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,**
**ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,**

# ପରଦାରେ ମହିଳାଙ୍କ ନ୍ୟାୟର ଲଢ଼େଇ

ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା

ବିଶ୍ୱ ଇତିହାସରେ ମହିଳାମାନେ ଅଧିକାର ଓ ନ୍ୟାୟ ପାଇବା ପାଇଁ ଅନେକ ସଂଘର୍ଷ କରିଛନ୍ତି। କିଛି କ୍ଷେତ୍ରରେ ସେମାନଙ୍କୁ ଆଇନ ସୂତ୍ରରେ ସମାନତା ଓ ନ୍ୟାୟର କିଛିଟା ଅଧିକାର ମିଳିଛି ସତ କିନ୍ତୁ ଆଇନକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ଏବଂ ନ୍ୟାୟକୁ ପ୍ରକୃତ ଅର୍ଥରେ ହାସଲ କରିବା ପାଇଁ ମହିଳାମାନଙ୍କୁ ହିଁ ଲଢ଼େଇରେ ଅବତୀର୍ଣ୍ଣ ହେବାକୁ ପଡ଼ିଛି। ଏହି ପ୍ରକ୍ରିୟାରେ କେବଳ ଆଇନର ଧାରା ବଦଳିନାହିଁ, ଏହା ସହିତ ବଦଳିଛି ସାମାଜିକ ବ୍ୟବସ୍ଥା ଓ ଧାର୍ମିକ ପ୍ରଥା ପ୍ରତି ଦୃଷ୍ଟିଭଙ୍ଗୀ, ବଢ଼ିଛି ସରକାରୀ ସକ୍ରିୟତା। ନ୍ୟାୟର ଯୁଦ୍ଧରେ ଏକୁଟିଆ ପଡ଼ିଯାଇ ବି ନିଜର ଆତ୍ମବିଶ୍ୱାସ ହରାଇ ନଥିବା ମହିଳାମାନେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

ସେଭଳି ଜଣେ ମହିଳାଙ୍କ ଲଢ଼େଇକୁ ଖୁବ ମର୍ମସ୍ପର୍ଶୀ ଢ଼ଙ୍ଗରେ ଉପସ୍ଥାପନ କରାଯାଇଛି 'ହକ୍' ଚଳଚ୍ଚିତ୍ରରେ। ବହୁ ଚର୍ଚ୍ଚିତ ଶାହ ବାନୋ ମାମଲାର କାହାଣୀକୁ ନେଇ ନିର୍ମିତ ହକ୍ ଚଳଚ୍ଚିତ୍ର ଦେଖିବା ପରେ ଯେ କୌଣସି ମହିଳା ଅନୁଭବ କରିପାରିବେ ଯେ ଜଣେ ନାରୀ ନିଜ ଅଧିକାର ପାଇଁ ଲଢ଼େଇ କରିବାକୁ ବାହାରିଲେ ତାଙ୍କ ସାଇପଡ଼ିଶାରୁ ଆରମ୍ଭ କରି ଧର୍ମଗୁରୁ ଓ କ୍ଷମତାଶାଳୀ ରାଜନେତାଙ୍କ ପର୍ଯ୍ୟନ୍ତ ସମସ୍ତେ ପ୍ରତିରୋଧ, ବିରୋଧ, ଏପରିକି ଆକ୍ରମଣ ମଧ କରିପାରନ୍ତି। କୋର୍ଟରେ ଆଇନଗତ ଲଢ଼େଇ କରିବା ସହିତ ସମଗ୍ର ବ୍ୟବସ୍ଥାର ଏହି ପ୍ରତିକୂଳ ସ୍ରୋତ କାହାରି ବି ମନୋବଳ ଦୁର୍ବଳ କରିଦେଇପାରେ। ହେଲେ ଅନ୍ୟାୟ ଦ୍ୱାରା ପରାସ୍ତ ନ ହେବାକୁ ଯିଏ ଦୃଢ଼ ପ୍ରତିଜ୍ଞ, ସେ ଦିନେ ନା ଦିନେ ନ୍ୟାୟ ହାସଲ କରେ ଏବଂ ସମଗ୍ର ନାରୀ ସମାଜ ପାଇଁ ଆଲୋକବର୍ତ୍ତିକା ପାଲଟେ।

'ମିସେସ୍ ଚାଟାର୍ଜୀ ନରୱେ' ଆଉ ଏକ ବାସ୍ତବ କାହାଣୀ ଉପରେ ଆଧାରିତ ଚଳଚ୍ଚିତ୍ର। ନରୱେରେ ରହୁଥିବା ଭାରତୀୟ ମୂଳର ପ୍ରବାସୀ ଦେବିକା ଓ ଅନିରୁଦ୍ଧଙ୍କ ପୁଅଝିଅଙ୍କୁ ସେ ଦେଶର ପ୍ରଶାସନ ସେମାନଙ୍କ ଠାରୁ ଛଡ଼ାଇ ନିଅନ୍ତି। ଏହାର କାରଣ ହେଲା ସେମାନଙ୍କ ପଡ଼ୋଶୀମାନେ ଅଭିଯୋଗ କରିଥିଲେ ଯେ ଦେବିକା ପିଲାମାନଙ୍କ ପ୍ରତି ନିଷ୍ଠୁରତା ପ୍ରଦର୍ଶନ କରନ୍ତି। ଭାରତୀୟ ପରମ୍ପରାକୁ ନେଇ ସେଠାକାର ଲୋକଙ୍କ ଭୁଲ ବୁଝାମଣାରୁ ଏହା ଆରମ୍ଭ ହୋଇଥାଏ। କିନ୍ତୁ ବର୍ଣ୍ଣ ବୈଶମ୍ୟ ମାନସିକତା ଯୋଗୁଁ କୋର୍ଟ ମଧ ଦୁଇ ସନ୍ତାନଙ୍କୁ ପିତାମାତାଙ୍କ ଠାରୁ ଦୂରେଇ ରଖିବାକୁ ରାୟ ଦିଅନ୍ତି। ଦେବିକା ମିସେସ ଚାଟାର୍ଜୀ ନିଜ ସନ୍ତାନଙ୍କୁ ଫେରି ପାଇବା ପାଇଁ ସବୁ ପ୍ରକାର ଉଦ୍ୟମ କରନ୍ତି। ଏହି ପ୍ରକ୍ରିୟାରେ ତାଙ୍କୁ ତାଙ୍କ ସ୍ୱାମୀ ଛାଡ଼ପତ୍ର ଦେଇ ଦିଅନ୍ତି। ସେ ଭାରତ ଆସି କୂଟନୈତିକ ସହାୟତା ନେଇ ନରୱେ ସରକାରଙ୍କ ବିରୋଧରେ ମାନବାଧିକାର ଉଲ୍ଲଂଘନର ମାମଲା ରୁଜୁ କରିଦିଅନ୍ତି। କୋର୍ଟ ଶୁଣାଣିରେ ନିଜ ସନ୍ତାନଙ୍କ ପ୍ରତି ଅନାବିଳ ସ୍ନେହର ପ୍ରମାଣ ଦେଇ ସେ ଉକ୍ତ ମାମଲା ଜିଣିଯାଆନ୍ତି ଓ ପୁଅଝିଅଙ୍କ ସହିତ ସୁଖଦ ଜୀବନ କାଟନ୍ତି।

ଏସିଡ଼ ମାଡ଼ ପରି ଚରମ ନିଷ୍ଠୁରତାର ସମ୍ମୁଖୀନ ହୋଇଥିବା ଲକ୍ଷ୍ମୀ ଅଗ୍ରୱାଲ, ଏସିଡ଼ ଆକ୍ରମଣର ଶିକାର ମହିଳାଙ୍କ ଅଧିକାର ପାଇଁ ଗୁରୁତ୍ୱପୂର୍ଣ୍ଣ ଆଇନଗତ ଲଢ଼େଇ କରି ଆସିଛନ୍ତି। ଏସିଡ଼ ମାଡ଼ ସମ୍ପର୍କିତ ଆଇନକୁ କଠୋର କରିବା ପାଇଁ ତାଙ୍କର ଆବେଦନ ଯୋଗୁଁ ସୁପ୍ରିମକୋର୍ଟ ଏସିଡ଼ ବିକ୍ରି ଉପରେ କଟକଣା ଜାରି କରିବା ସହିତ ପୀଡ଼ିତାଙ୍କୁ ୩ଲକ୍ଷ ଟଙ୍କାର କ୍ଷତିପୂରଣ ଘୋଷଣା କରିଥିଲେ। ଲକ୍ଷ୍ମୀଙ୍କ କାହାଣୀକୁ ନେଇ ୨୦୨୦ରେ ମୁକ୍ତିଲାଭ କରିଥିଲା 'ଛପାକ୍' ସିନେମା। ମେଘନା ଗୁଲଜାରଙ୍କ ନିର୍ଦ୍ଦେଶନା ଓ ଦୀପିକା ପାଦୁକୋଣଙ୍କ ଅଭିନୟରେ ସମୃଦ୍ଧ ଏହି ଚଳଚ୍ଚିତ୍ରରେ ଏସିଡ଼ ମାଡ଼ ବିରୋଧରେ ଲକ୍ଷ୍ମୀଙ୍କ ଲଢ଼େଇକୁ ଖୁବ ପ୍ରଭାବଶାଳୀ ଢ଼ଙ୍ଗରେ ପ୍ରଦର୍ଶିତ କରାଯାଇଛି। ସେହି ୨୦୨୦ରେ ମୁକ୍ତିଲାଭ କରିଥିବା 'ଥପ୍ପଡ଼' ଏକ କାଳ୍ପନିକ କାହାଣୀ, କିନ୍ତୁ ଏହାର ବାର୍ତ୍ତା ଖୁବ ବାସ୍ତବ। ଅମୃତାଙ୍କୁ ତାଙ୍କ ସ୍ୱାମୀ ସର୍ବସମ୍ମୁଖରେ ଚାପୁଡ଼ା ମାରିବା ପରେ ସେ ଅନୁଭବ କରୁଛନ୍ତି ଯେ ତାଙ୍କୁ ସେ ବିବାହରୁ ନା ସମ୍ମାନ ମିଳୁଛି ନା ଖୁସି। ଛୋଟ କଥା ବୋଲି କହି ସମସ୍ତେ ଘଟଣାକୁ ଭୁଲିଯିବାକୁ କହିଲେ ବି ଅମୃତା ନିଜ ବାପଘରକୁ ଚାଲିଯାଇ ଛାଡ଼ପତ୍ର ପାଇଁ ଆବେଦନ କରୁଛନ୍ତି। କୋର୍ଟରେ ମାମଲାର ଫଇସଲା ଭିତରେ ଭାରତୀୟ ପରିବାର ବ୍ୟବସ୍ଥାର ଅନେକ ନାରୀବିଦ୍ୱେଷମୂଳକ ଦିଗ ଉଜାଗର ହେଉଛି। ଶେଷରେ ସ୍ୱାମୀ ଓ ଶାଶୁ ଅମୃତାଙ୍କ କ୍ଷମା ମାଗୁଛନ୍ତି କିନ୍ତୁ ଛାଡ଼ପତ୍ର ନିଷ୍ପତ୍ତିରୁ ଅମୃତା ଓହରି ନାହାନ୍ତି।

'ନୋ ୱାନ କିଲଡ଼ କେସିକା'ରେ ବହୁ ଚର୍ଚ୍ଚିତ ଜେସିକା ଲାଲ ହତ୍ୟା ମାମଲାରେ ନ୍ୟାୟ ପାଇଁ ତାଙ୍କ ଭଉଣୀ ସବ୍ରିନାଙ୍କ ସଂଘର୍ଷକୁ ପ୍ରଦର୍ଶିତ କରାଯାଇଛି। ୨୦୧୧ରେ ଏହି ସିନେମାରେ ଦେଖାଯାଇଛି ରାଜନୈତିକ ପ୍ରଭାବ ଯୋଗୁଁ କିଭଳି ଜେସିକାଙ୍କ ହତ୍ୟାର ଅଭିଯୁକ୍ତମାନେ କୋର୍ଟରେ ଦୋଷମୁକ୍ତ ହୋଇଯାଉଛନ୍ତି। ସାମ୍ବାଦିକ ମୀରା ଏ ବାବଦରେ ଜାଣିବା ପରେ ସବ୍ରିନାଙ୍କ ସହ ମିଶି ଯାବତୀୟ ପ୍ରମାଣ ପତ୍ର ଯୋଗାଡ଼ କରୁଛନ୍ତି ଏବଂ ଶେଷରେ ସୁପ୍ରମି କୋର୍ଟରେ ଜେସିକାଙ୍କ ହତ୍ୟାର ଦୋଷୀମାନେ ଦଣ୍ଡିତ ହେଉଛନ୍ତି। ଏହିସବୁ ଚଳଚ୍ଚିତ୍ରର ବାର୍ତ୍ତା ହେଉଛି ମହିଳାଙ୍କ ନ୍ୟାୟ ଓ ଅଧିକାରର ଲଢ଼େଇ ଭୁକ୍ତଭୋଗୀ ମହିଳାମାନେ ହିଁ ଲଢ଼ିଆସିଛନ୍ତି ଏବଂ ଆଗକୁ ମଧ ଲଢ଼ିବେ। ଅନ୍ୟାୟର ସମ୍ମୁଖୀନ ହେଲେ ମହିଳାକୁ ନିଜେ ହିଁ ସଂଘର୍ଷ କରି ନ୍ୟାୟର ଚକକୁ ଆଗକୁ ଗଡ଼ାଇବାକୁ ପଡ଼ିବ। ପୁରୁଷମାନେ ଅତି ବେଶୀରେ ସମର୍ଥକର ଭୂମିକା ତୁଲାଇପାରିବେ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ଚହଟା ନଗର, ଲେନ୍-୬,
କଟକ-୧୪, ଦୂରଭାଷ : ୭୦୦୮୪୭୮୯୮୬
E-mail : nibeditabehera08021985@gmail.com

# ଦାଣ୍ଡ ଭାଗବତ

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଅତିବଡ଼ି ଜଗନ୍ନାଥ ଦାଶ ଶ୍ରୀକ୍ଷେତ୍ର ପୁରୀର ୧୬ଶାସନ ମଧ୍ୟରୁ ଏକ ଶାସନର ବ୍ରାହ୍ମଣ। ବ୍ରାହ୍ମଣମାନେ ସଂସ୍କାରିତ ଜାତି। ଅନେକ ଜାଣନ୍ତି ପୂର୍ବେ କେବଳ ସଂସ୍କୃତ ଭାଷାରେ ପୁରାଣ ଶାସ୍ତ୍ର କର୍ମକାଣ୍ଡ ଲେଖା ରହିଥିଲା। ଏହାର ତତ୍ସମ ବା ଠିକ ତଦ୍‌ଭବରେ ସଂସ୍କୃତ ଶବ୍ଦ ବାକ୍ୟ ଗୁଡ଼ିକୁ ଓଡ଼ିଆରେ ସଠିକ ଅର୍ଥ କରିବାରେ ଭ୍ରମ କରନ୍ତି ବା ବାଣିଜିକକୁ ବୃଦ୍ଧି ପ୍ରୟୋଗ କରି ଶ୍ରୋତାକୁ ଲିଖିତ ସୂତ୍ରର ଭିନ୍ନ ବ୍ୟାଖ୍ୟା କରି ଅର୍ଥ ଅର୍ଜନ କରୁଥିଲେ। ଏତଦ୍ୱାରା ସଦା ଧର୍ମ ଗ୍ରନ୍ଥ, ଧର୍ମଶାସ୍ତ୍ର, ବିକ ବଣିକ ବୃତ୍ତିର ଧନ୍ଦା ଦିଗକୁ ବଢୁଥିଲା। ଅନେକ ବିଧର୍ମୀ ଏହାର ସୁଯୋଗ ହାସଲ କରିବା ମଧ ଉଙ୍କି ମାରିଲା, ଏହି ସମସ୍ୟା ଅନେକ ବିଦ୍ୱାନ ଉପଲବ୍ଧି କଲେ, ସେହି ସମୟରେ ଯେତେ ଜଣ ପରିସ୍ଥିତିର ସୁଧାର ନିମିତ୍ତ ଚେଷ୍ଟା ଆରମ୍ଭ କଲେ, ଏହା ମଧ୍ୟରେ ଚୈତନ୍ୟ ଦେବ ଆଦ୍ୟ ବଙ୍ଗରୁ ଉତ୍କଳ ହରି ନାମ ସଂକୀର୍ତ୍ତନ ଧାରା ସ୍ୱ ପାରିଷଦଙ୍କ ସହ ଲୋକରେ ପ୍ରସାର କରାଇ କରାଇ ଆସିଗଲେ। ସେ ଏପରି ଦକ୍ଷିଣ ରାଜ୍ୟରେ ଏହି ନାମର ଧାରା ପ୍ରସାରରେ ଯାଇ ପରେ ପୁରୀ ଶ୍ରୀକ୍ଷେତ୍ରରେ ସ୍ୱ ପାରିଷଦଙ୍କ ସହ ଦୀର୍ଘକାଳ ରହଣୀରେ ଅନେକ ଅନେକ ପରିବର୍ତ୍ତନ ପୁରୀ ବାସୀଜନଙ୍କ ମଧ୍ୟରେ ଆସିବାକୁ ଲାଗିଲା।

ହରିନାମ କୀର୍ତ୍ତନର ମୋହ ବାରମ୍ବାର ଲୋକଙ୍କୁ ଆକର୍ଷଣ କଲା। ରାଜା ପ୍ରତାପରୁଦ୍ର ଦେବ ଚୈତନ୍ୟଙ୍କ ଶିଷ୍ୟତ୍ୱ ଗ୍ରହଣ କଲେ ରାଜାନୁଗତ ବୈଷ୍ଣବ ଧର୍ମ ତତ୍କାଳ ଓଡ଼ିଶାରେ ପ୍ରଚାର ହୋଇ ଚାଲିଲା। ରାଜାଙ୍କ ଆନୁଗତ୍ୟ ଜମିଦାର ସର୍ବରାକାର, ସବୁଗ୍ରାମ ମୁରବୀ, ରାଜାଙ୍କ ଆନୁଗତ୍ୟ ପାଇକ ଖଣ୍ଡାୟତ ସେନାମାନେ ଚୈତନ୍ୟ ଦେବଙ୍କ ନାମକୀର୍ତ୍ତନ ଖୋଳ କରତାଳରେ ମଜିବାକୁ ଲାଗିଲେ। ଠିକ ଏହି ସମୟରେ ଜଗନ୍ନାଥ ଦାଶଙ୍କ ସ୍ୱ ରଚିତ ଓଡ଼ିଆରେ ଭାଗବତ ପାଠର ଶ୍ରୀମନ୍ଦିର କଳ୍ପବଟତଳରେ ବହୁଶ୍ରୋତା ନିତ୍ୟ ପାଠ ଶ୍ରବଣ କରିବା ଆରମ୍ଭ ହୋଇଥିଲା। ଦିନେ ଚୈତନ୍ୟ ଦେବଙ୍କ ବେଢ଼ାରେ କୀର୍ତ୍ତନ କାଳରେ ଜଗନ୍ନାଥ ଦାଶଙ୍କ ଭାଗବତ ଚର୍ଚ୍ଚାରେ ବହୁ ଶ୍ରୋତା ତନ୍ମୟ କରି ରହିବା ଦେଖି ଶ୍ରୀଚୈତନ୍ୟ ସେଠାରେ ପହଞ୍ଚି ନାମ ମୁଖରେ ଦାଶଙ୍କୁ କୋଳାଗ୍ରତ କରି ଆବେଗରେ କହିଥିଲେ ତୁମେ 'ଅତିବଡ଼' ଏହା ବଙ୍ଗଳା ଭାଷାରେ ଅତିବଡ଼ୀ। ଏଇଟାରୁ ଅତିବଡ଼ି ବୈଷ୍ଣବ ସମ୍ପ୍ରଦାୟର ଭିତ୍ତି ଭୂମି, ଏହା ନାମକୀର୍ତ୍ତନ ସହ ଭାଗବତର ନିବିଡ଼ ସମ୍ପର୍କ। ଏହାପରେ ସର୍ବତ୍ର ବ୍ୟାପିଲା ବିଶେଷ କରି ତତ୍କାଳ ଅଭଙ୍ଗ ପୁରୀ କଟକ ବାଲେଶ୍ୱର ଅଞ୍ଚଳ। ଆମ ଜଗତସିଂହପୁରରୁ ସେତେବେଳେ ପୁରୀକୁ ଚାଲି ଚାଲି ଗ୍ରାମରୁ ସାଙ୍ଗ ମେଳି ହୋଇ ସାଧାରଣ ଲୋକେ ଓ ଜମିଦାରମାନେ ତାଙ୍କ ଆଟପ୍ରଜାଙ୍କ ଗହଣରେ ସବାରୀ ପାନିକିରେ କାନ୍ଧିଆଙ୍କ କାନ୍ଧ ବୁହାରେ ବା ଶଗଡ଼ରେ ଯାଉଥିଲେ। ଏମିତି ଆମଗ୍ରାମର ଜଣେ ଜମିଦାର ରାମକୃଷ୍ଣ ମହାନ୍ତି, ଥିଲେ ସେ ବୈଷ୍ଣବ ଧର୍ମ ଦୀକ୍ଷିତ ଥିଲେ ସେ ଘୋଡ଼ାପାଳି ଥିଲେ ହୁଏତ ସେ ଘୋଡ଼ାରେ ବା ଘୋଡ଼ାଗାଡ଼ିରେ ଯାଇ ପାରିଥିବା ରାମକୃଷ୍ଣ ବାବୁଙ୍କ ପରିବାରରେ ସବୁ ପୁଅଙ୍କ ନାମରେ ନିଶ୍ଚେ 'କୃଷ୍ଣ' ଲାଗି ରହିଆସିଛି। ଆମ ଗ୍ରାମରେ ଏବେ ବି ଅଛି ପୁରାତନ ନୃସିଂନାଥଙ୍କ ଠାକୁରବାଡ଼ି। ଏହାର ତତ୍ତ୍ୱନେଉଥିବା ବିଖ୍ୟାତ ହରିଚନ୍ଦନ, ଶ୍ରୀଚନ୍ଦନ ମଙ୍ଗରାଜ ପରିବାରର ଅତୀତ ସମୟର ପୁରୁଷମାନେ ରାଜବଂଶ, ରାଜକର୍ମଚାରୀ ଥିବା ଓ ଏମାନେ ଖୁରଧାରୁ ଆସିଥିବା ପ୍ରମାଣ ଅଛି ଓ ଏମାନଙ୍କ ମଧ୍ୟରୁ କେହି କୁଜଙ୍ଗ ରାଜଦରବାରରେ ଉଚ୍ଚ ପଦବୀରେ ଥିଲେ।

ଆମ ଗ୍ରାମରେ ଭାଗବତ ପାଠ ପାଇଁ ଅନେକ ଭାଗବତ ଘର ବା ଗାଦୀ ଥିଲା। ମୋର ହେତୁ ପାଇଲା ବେଳକୁ ମୁଁ ଦେଖିଛି ଆମ ଗ୍ରାମର ଭାଗବତ ବଢ଼ାର ଭଲ ଭୋଜିରେ ଗ୍ରାମଲୋକଙ୍କୁ ଆପ୍ୟାୟିତ କରାଯାଉଥିଲା। ରାମକୃଷ୍ଣ ମହାନ୍ତିଙ୍କ ସୁଯୋଗ୍ୟ ପୁତ୍ର ବାଳକୃଷ୍ଣ ବାବୁଙ୍କ ଭାଗବତ ବଢ଼ା ଭୋଜି ତାଙ୍କର ଅନେକ ଜମି ପ୍ରଜାମାନେ ଚାଷ କରୁଥିବାରୁ ସେ ସମସ୍ତ ପ୍ରଜା ତାଙ୍କ ପରିବାରର ପିଲାମାନେ ଓ ଅନ୍ୟ ଗ୍ରାମବାସୀ ତାଙ୍କ ବାସଭବନ ପ୍ରାଙ୍ଗଣରେ ବହୁଥର ସେପରି ଭୋଜି ଖାଇବା ଅନେକଙ୍କୁ ଜଣା ଥିବ। ନୃସିଂହନାଥଙ୍କ ଠାକୁର ବାଡ଼ିରେ ବର୍ଷକୁ ଅନେକଥର ପ୍ରାସାଦ ଲୋକେ ପାଉଥିଲେ। ପଟନାୟକ ସାହିରେ ପ୍ରଭୁ ଚରଣ (ଗେଣ୍ଡୁ) ବାବୁ ତାଙ୍କ ପିତୃ ପରମ୍ପରା ରକ୍ଷାକରି ଅନେକଥର ବହୁମୁଖୀ ଭାଗବତ (ହରିହାଟ) ତାଙ୍କ ଘର ପ୍ରାଙ୍ଗଣରେ କରୁଥିଲେ। ଏହାବାଦ କୃଷ୍ଣଚନ୍ଦ୍ର ମିଶ୍ର, ପୁରସ୍ତମ ସାହୁ, ଭାଗବତ ସାହୁ, କୁମ୍ଭାର ସାହିର ମିଳିତ ପରିବାରଙ୍କ ଏପରିକି ନାରାୟଣୀ ପୀଠରେ ଭାଗବତ ପାଠର ସ୍ଥଳୀ ଥିଲା, ମୋର ପିଲା ବେଳେ ଲୋକେ ଭାଗବତ ପୁରାଣ ଶୁଣିବାକୁ ସେଠାକୁ ପ୍ରତି ସନ୍ଧ୍ୟାରେ ଯାଉଥିଲେ। କାଳକ୍ରମେ ଜମିଦାରୀ ଚାଲଗଲା ଲୋକେ ଅଭିନ୍ନ ପରିବାର ଭିନ୍ନ ଭିନ୍ନ ହୋଇଗଲେ। କନ୍ୟା ବିବାହ ପାଇଁ ଖର୍ଚ୍ଚାର ଆବଶ୍ୟକ ପାଇଁ ଜମିବାଡ଼ି ବିକ୍ରୟ ହୋଇଗଲା, ଭାଗ ଚାଷ ଆଇନରେ ଧୂଳି ଭାଗରେ ଅନେକଙ୍କ ଜମି ରଇତମାନେ ଦାଖଲ ସରକାରୀ କାନୁନରେ ପାଇଗଲେ। ଫଳରେ ଭାଗବତ ପୂଜା ପାଠ ଚଳିବା ଏକ ସମସ୍ୟା ହୋଇ ଗଲା। ଶୁକ୍ଳ ଖଇ ଦିଟା କିଛି ଦିନ ଭୋଗକୁ ବି କେହି କରିବା ଏପରିକି ପାଠକାରୀ ପାଠକ ଅଭାବ ପଡ଼ିଲେ ବା ତାଙ୍କ ଦକ୍ଷିଣା ଦୁର୍ମୁଲ୍ୟ ହେଲା, ଏହାପରେ ତତ୍କାଳ ହାତ ଲେଖା ତାଳପାତ୍ର ପୋଥି ଗୁଡ଼ିକର କରଣୀ ଛଟା ଅକ୍ଷର ପାଠକ ଅଭାବ ହେଲେ। ସେତେବେଳେ ଲୋକେ ଏକ ତାଳପାତ୍ର ପୋଥିରୁ ଅନ୍ୟ ପୋଥି ତାଳପାତ୍ରରେ ଲୁହା ଲେଖନରେ ଲେଖାଇ ବିମାନ ଆସ୍ଥାନରେ ରଖି ପୂଜା କରୁଥିଲେ। କାଳକ୍ରମେ କାଗଜ ବହି ଛପା ବହୁ ଉପଲବ୍ଧ ହେବାରୁ ପୋଥିପରି ଲୋକେ ତାକୁ ସମ୍ମାନ କଲେନାହିଁ। ତେବେ କେବେ ଗ୍ରାମରେ ବସନ୍ତ, ହଇଜା ଆଦି ଦେଖାଦେଲେ ଦାଣ୍ଡ ଭାଗବତ କରାଯାଉଥିବା ମୁଁ ଦେଖିଛି। ହରିଚନ୍ଦନ ସାହିରୁ ଚଣ୍ଡୀସାହି ସେଠାରୁ ବାଳକୃଷ୍ଣବାବୁଙ୍କ ଘର, ଦେଇ ପଟ୍ଟନାୟକ ସାହରୁ ହରବାବୁଙ୍କ ଘର, ତାପରେ ସବୁ ଘରର ଦାଣ୍ଡେ ଦାଣ୍ଡେ ୫, ୧୦ ପଦ ଭାଗବତ ପାଠ କରି କରି, କୀର୍ତ୍ତନ ହରିବୋଲ ସହ କୁମ୍ଭାର ସାହ ଯାଏ ଯାଉଥିଲେ। ଭାଗବତ ଖଟୁଲି ଜଗୁ ମହାରଣା ମୁଣ୍ଡେଇ ଚଳିବା, ବଟକୃଷ୍ଣ ପଟ୍ଟନାୟକ ଦାଣ୍ଡେ ଦାଣ୍ଡେ ରହି ରହି ପାଠ କରିଯିବା ଓ କୀର୍ତ୍ତନ କରି ଦାଣ୍ଡ ମାନଙ୍କରେ ଯିବା ପୁଣି ଉଚ୍ଚସ୍ୱରରେ ହରିଧ୍ୱନ କରିବା ଲୋକଙ୍କ ମନରେ ଏକ ଦୈବୀ ସାହସ ଦେବା ଅନୁଭବ ହେଉଥିଲା। ପରୋକ୍ଷରେ ଏପରି ଦାଣ୍ଡ ଭାଗବତ ଗମନ ପଥ ପରିଷ୍କାର ପରିଚ୍ଛନ୍ନ କରାଯାଉଥିଲା। ଏକ ଧାର୍ମିକ ଭାବ ଗ୍ରାମରେ ଉଦିତ ହେଉଥିଲା। ଏଥିରେ ଥିବା ନାମର ବ୍ୟକ୍ତିମାନେ ଚାଲିଗଲେଣି ହେଲେ ଭବିଷ୍ୟତ ବଂଶଧରଙ୍କ ପାଇଁ ବିପଦ ବେଳେ ଭାଗବତ ଓ ଦିବ୍ୟ ହରିନାମ ସ୍ମରଣ କରିବା ଅନୁଷ୍ଠାନ ନିହାତି ଆବଶ୍ୟକ ଦର୍ଶାଇ ଯାଇଛି।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

# ଯକୃତର ତିନି ବନ୍ଧୁ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଯକୃତ, ପେଟ ଭିତରେ ଥିବା ଗୁରୁତ୍ୱପୂର୍ଣ୍ଣ ଆମ ଶରୀର ତନ୍ତ୍ରର ବଡ଼ ବନ୍ଧୁ ଜଣେ। ଆମେ ଯେତେ ଯାହା କଲେ, ଖାଆନ୍ତୁ, ପିଅନ୍ତୁ, ଶୁଅନ୍ତୁ, ଆରାମ କରନ୍ତୁ ଏ ସବୁର ତତ୍ତ୍ୱ କିନ୍ତୁ ଯକୃତ ନେଇଥାଏ। କିନ୍ତୁ ଯେଉଁ ପର୍ଯ୍ୟନ୍ତ ଯକୃତର ଯତ୍ନ ଆମେ ନେଇ ନଥାଉ ସେ ପର୍ଯ୍ୟନ୍ତ ଯକୃତ ଅନେକ କଷ୍ଟ ପାଇଥାଏ। ବାସ୍ତବରେ ଶରୀରର ପରିକଳ୍ପନା, ସଂଯୋଜନା, ପରିଚାଳନାରେ ଯକୃତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିଛି ଅସୁବିଧା ନ ହେବା ଯାଏ ସାଧାରଣତଃ ଯକୃତ ଅବସ୍ଥା ପ୍ରତି କେହି ବିଶେଷ ଧ୍ୟାନ ଦିଅନ୍ତି ନାହିଁ। ଅଧିକାଂଶ ଲୋକ ଓଜନ, ହଜମ, ଶର୍କରା ସ୍ତର ଉପରେ ଧ୍ୟାନ ଦିଅନ୍ତି। କିନ୍ତୁ ନେପଥ୍ୟରେ ରହି ଯକୃତ ନିରବରେ ଏଥିନିମନ୍ତେ ବହୁ କାର୍ଯ୍ୟ ସମ୍ପନ୍ନ କରିଥାଏ। ଯକୃତ ପୋଷକତତ୍ତ୍ୱ ପ୍ରକ୍ରିୟାକରଣରେ ସହାୟକ ହୁଏ। ବିଷାକ୍ତ ପଦାର୍ଥ ଛାଣେ ମେଟାବଲିଜିମରେ ସହାୟତା କରେ ଓ ସାମଗ୍ରିକ ଶକ୍ତିସ୍ତରରେ ବି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ତେଣୁ ଯକୃତ ନିରୋଗ ରଖିବା ଉପରେ ଧ୍ୟାନ ଦିଆଯିବା ଆବଶ୍ୟକ। ଅବଶ୍ୟ ଏଥି ନିମନ୍ତେ କିଛି ଜଟିଳ ପଥ୍ୟ ଅଥବା ତିକ୍ତ ବିଷଶୋଧନ ବ୍ୟବସ୍ଥା ଭଳି ବିଶେଷ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ ନାହିଁ। କେତୋଟି ଖାଦ୍ୟଦ୍ରବ୍ୟ ନିୟମିତ ଖାଇଲେ ସେ ସବୁ ଯକୃତ ସୁସ୍ଥ ରଖିବାରେ ସହାୟକ ହେବ। ସୁସ୍ଥ ଯକୃତ ନିମନ୍ତେ ଆବଶ୍ୟକ ତିନୋଟି ପରିବା କଥା ସମ୍ପର୍କରେ ଆମେ ଆଜିର ଆଲୋଚନା ରଖୁଛୁ। ସୁସ୍ଥ ଯକୃତ ନିମନ୍ତେ ସେ ପ୍ରତି ସପ୍ତାହରେ ତିନିଟି ପରିବା ନିୟମିତ ଖାଆନ୍ତି। ସେ ତିନିଟି ହେଉଛି ବିଟ୍, ବ୍ରକୋଲି ଓ କଲରା।

ବିଟ : ବିଟରେ ବିଟାଲେନସ ନାମକ ଉପାଦାନ ପ୍ରଚୁର ଥାଏ। ସେଥିଯୋଗୁଁ ହିଁ ବିଟ ବର୍ଣ୍ଣ ଲୋହିତ ହୋଇଥାଏ। ଡାକ୍ତର ସେଠୀ କହନ୍ତି ଏହି ଉପାଦାନ ଶରୀରରେ ଅକ୍ସିଡେଟିଭ ଷ୍ଟ୍ରେସ ହ୍ରାସ କରିବାରେ ସହାୟକ ହୁଏ। ଅକ୍ସିଡେଟିଭ ଷ୍ଟ୍ରେସ କମ ରହିଲେ ଯକୃତ ଉପରେ କମ ଚାପ ପଡ଼େ ଓ ଶରୀରର ସାମଗ୍ରିକ କ୍ରିୟାକଳାପ ଭଲ ଭାବେ ଚାଲେ। ବ୍ରକୋଲି : ବ୍ରକୋଲି ଥିବା ସଲଫୋରାଫେନ ନାମକ ଉପାଦାନ ବିଷାକ୍ତ ବର୍ଜ୍ୟ ନିଷ୍କାସନ ନିମନ୍ତେ ଯକୃତରେ ଥିବା ପ୍ରାକୃତିକ ପଥ ଗୁଡ଼ିକୁ ଅବରୋଧମୁକ୍ତ ରଖେ। ସରଳ ଭାବରେ ବୁଝାଇ କହିଲେ, ଏହା ଯକୃତକୁ ତାର କାର୍ଯ୍ୟ ଭଲ ରୂପେ ସମ୍ପନ୍ନ କରିବାରେ ସହାୟକ ହୁଏ। ଯଦି କେହି ବ୍ରକୋଲି ଖାଇବାକୁ ସୁଖ ମଣୁ ନଥାନ୍ତି ସେମାନେ ଫୁଲକୋବି,ବନ୍ଧାକୋବି ଏବଂ ସେ ଜାତୀୟ ଅନ୍ୟାନ୍ୟ ପରିବା ଖାଇପାରିବେ। ବ୍ରକୋଲିରୁ ଯେଉଁ ଉପକାର ମିଳେ, ଏ ସବୁରୁ ବି ସେହି ଉପକାର ମିଳେ। ତା ଛଡ଼ା ଦୈନନ୍ଦିନ ଭୋଜନରେ ଏସବୁ ଅନାୟସରେ ଅନ୍ତର୍ଭୁକ୍ତ କରାଯାଇ ପାରିବ।

କଲରା : କଲରା ଯକୃତ ପାଇଁ ଉପକାରୀ ଜାଣି ହୁଏତ କେତେକ ଆଚମ୍ବିତ ହେଉଥିବେ। କାରଣ କଲରା ରକ୍ତ ଶର୍କରା ନିୟନ୍ତ୍ରଣ କରେ ବୋଲି ସଭିଙ୍କୁ ମାଲୁମ। ଡାକ୍ତର ସେଠୀ କହନ୍ତି, କଲରା ଶରୀରରେ ଇନସୁଲିନ ଗ୍ରହଣଶୀଳତା ବୃଦ୍ଧି କରାଇବାରେ ସାହାଯ୍ୟ କରେ। ଫ୍ୟାଟି ଲିଭର ବା ଚର୍ବିଳ ବା ଚର୍ବିଳ ଯକୃତ ହେବାର ଅନ୍ୟତମ ପ୍ରମୁଖ କାରଣ ହେଉଛି ଶରୀର ଇନସୁଲିନଗ୍ରାହୀ ନ ହେବା। ଇନସୁଲିନ କାର୍ଯ୍ୟକାରିତା ଠିକ ଭାବେ ଚଳାଇବା ଅର୍ଥ ପରୋକ୍ଷ ଭାବେ ଯକୃତ ସୁସ୍ଥ ରଖିବାରେ ସାହାଯ୍ୟ କରିବା।

ଆପଣ ଭାବନ୍ତୁ ନାହିଁ ଏହି ସବୁ ଫଳ ଗ୍ରହଣ କଲେ ଆମେ ଯାଦୁକରୀ ଫଳାଫଳ ହଠାତ୍ ପାଇଯିବା ନାହିଁ। ସପ୍ତାହକୁ ଅନ୍ତତଃ ଥରେ ଉପରୋକ୍ତ ପରିବାରୁ ଗୋଟିଏ କି ଦୁଇଟି ଖାଇଲେ ଚଳିବ। କିଛିଦିନ ନିୟମିତ ଏସବୁ ଖାଇଲେ ଯାଇ ଯକୃତ ଉପକୃତ ହେବ। ଯକୃତକୁ ସୁରକ୍ଷିତ ଓ ନିର୍ଭରଯୋଗ୍ୟ ତଥା ବ୍ୟବସ୍ଥିତ ରଖିବା ପାଇଁ ହେଲେ ଋତୁକାଳୀନ ଫଳ ଗ୍ରହଣ କରିବା ଉଚିତ। ତେବେ ଅତ୍ୟଧିକ ଫଳ ଖାଇବା ମଧ ଠିକ ନୁହେଁ। ଅନେକ ସମୟରେ ଫଳର ପରିପାର୍ଶ୍ୱିକ ପ୍ରତିକ୍ରିୟା ସହୁ ରହିଛି। ଏହି ଦିଗକୁ ଦେଖିବା ଉଚିତ। କିଛି ଫଳ ରହିଛି ଯେଉଁ ଗୁଡ଼ିକୁ ସମ୍ମିଶ୍ରିତ କରି ଖାଇବା ମଧ ଠିକ ନୁହେଁ କାରଣ ଏହାର ବିଷାକ୍ତ ପ୍ରତିକ୍ରିୟା ସୃଷ୍ଟି ହୋଇଥାଏ। ତେଣୁ ଯକୃତର ଏହି ତିନି ବନ୍ଧୁଙ୍କୁ ଭଲ ଭାବେ ମନେରଖନ୍ତୁ ଏବଂ ସେମାନଙ୍କ ଯତ୍ନ ମଧ ଭଲ ଭାବରେ ନେଲେ ଆପଣ ନିଶ୍ଚିନ୍ତ ଭାବରେ ଆରୋଗ୍ୟ ରହିବେ।

**ପ୍ରତିରଦ୍ୱିକ ଓ ଅବସର ପ୍ରାପ୍ତ, ବିଭାଗୀୟ ମୁଖ୍ୟ,**
**ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ : ୯୪୩୭୦୫୧୯୫୭**



# ଝାଡ଼ଖଣ୍ଡରେ ଛାତ୍ରଙ୍କ ବିଜୟ ପରେ ଖୁସି ପ୍ରକଟ କଲେ ରାହୁଲ ଗାନ୍ଧୀ

**ନୂଆଦିଲ୍ଲୀ,୧୮ ।୮(ଏଜେନ୍ସି):**ଝାଡ଼ଖଣ୍ଡର ଛାତ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ସୋମବାର ରାତିରେ ସହମତି ହୋଇଛି । ଏହାକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିଜର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଛାତ୍ରମାନେ ନିଜର ଅନଶନ ଶେଷ କରିଛନ୍ତି। ଏହି ଖବର ଶୁଣି ଭଲ ଲାଗିଲା ।ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ 'ଏକ୍ସ'ରେ ଲେଖିଛନ୍ତି, "ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏବଂ ଝାଡ଼ଖଣ୍ଡ ସରକାର ଆଲୋଚନାର ରାସ୍ତା ବାଛି ସମାଧାନ ବାହାର କରିଛନ୍ତି। ଛାତ୍ରମାନେ ଧୈର୍ଯ୍ୟ ରଖି ନିଜର କଥା ଉପସ୍ଥାପନ କରିଛନ୍ତି। ଏହା ହିଁ ଠିକ୍ ଉପାୟ। ଯେତେବେଳେ ଛାତ୍ରମାନେ ପ୍ରଶ୍ନ ଉଠାନ୍ତି, ସେତେବେଳେ ସେମାନଙ୍କୁ ଉତ୍ତର ମିଳିବା ଦରକାର।" ସେ ଆହୁରି କହିଛନ୍ତି, "ଆମେ ଦେଶର ପ୍ରତ୍ୟେକ ଛାତ୍ରଙ୍କ ସହିତ ଠିଆ ହୋଇଛୁ। ଆମେ ଏହି ରିକ୍ରୁଟମେଣ୍ଟ ସିଷ୍ଟମ୍‌କୁ ସମ୍ପୂର୍ଣ୍ଣ ବଦଳାଇଦେବୁ। ଯାହାଦ୍ୱାରା ପ୍ରତ୍ୟେକ ଛାତ୍ର ନିଜ ପରିଶ୍ରମର ସମ୍ପୂର୍ଣ୍ଣ ଫଳ ପାଇପାରିବେ ଏବଂ ନିରପେକ୍ଷ ପ୍ରତିଯୋଗିତାର ଅଧିକାର ପାଇବେ।" ରାହୁଲ ଗାନ୍ଧୀ କହିଛନ୍ତି ଯେ, "ଏହି ବ୍ୟବସ୍ଥା ସାରା ଦେଶରେ ବଦଳିବ। ଏବେ ଏଭଳି ଏକ ବ୍ୟବସ୍ଥା ତିଆରି କରାଯିବ, ଯାହା ଛାତ୍ରମାନଙ୍କୁ ଆଗକୁ ବଢ଼ିବାରେ ସହାୟତା କରିବ, ପଛକୁ ଟାଣିବ ନାହିଁ।"ଏହା ସହିତ କଂଗ୍ରେସ ମଙ୍ଗଳବାର ମୋଦୀ ସରକାର ଉପରେ ଜାତି ଜନଗଣନାକୁ ବାଧା ଦେବାର ଅଭିଯୋଗ ଆଣିଛି। ଏଥିସହ ୨୦୨୭ ଜନଗଣନାରେ ଜାତି ଚୟନ ପାଇଁ ଡ୍ରପ୍-ଡାଉନ୍ ମେନୁ କାହିଁକି ସାମିଲ କରାଯାଇନାହିଁ ବୋଲି ପ୍ରଶ୍ନ କରିଛି। ଅନ୍ୟପଟେ, କେନ୍ଦ୍ର ସରକାର ୨୦୨୧ ସେପ୍ଟେମ୍ବରରେ ସୁପ୍ରିମକୋର୍ଟରେ ଦାଖଲ କରିଥିବା ସତ୍ୟପାଠରେ ଏହାର ସୁପାରିସ କରିଥିଲା ।ବିରୋଧୀ ଦଳ ଦାବି କରିଛି ଯେ, ୩୦ ଏପ୍ରିଲ ୨୦୨୫ରେ ଜାତି ଜନଗଣନା କରାଯିବ ବୋଲି ଘୋଷଣା କରି ପ୍ରଧାନମନ୍ତ୍ରୀ ସମ୍ପୂର୍ଣ୍ଣ ୟୁ-ଟର୍ଣ୍ଣ ନେଇଥିଲେ। ଏବେ ସେ ନିଜର ପୂର୍ବ ୟୁ-ଟର୍ଣ୍ଣ ଉପରେ ମଧ୍ୟ ପୁଣି ୟୁ-ଟର୍ଣ୍ଣ ନେଉଛନ୍ତି ।କଂଗ୍ରେସର ଯୋଗାଯୋଗ ପ୍ରଭାରୀ ମହାସଚିବ ଜୟରାମ ରମେଶ କହିଛନ୍ତି ଯେ, ୨୧ ସେପ୍ଟେମ୍ବର ୨୦୨୧ରେ ମୋଦୀ ସରକାର ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଦାଖଲ କରି ଜାତି ଜନଗଣନା ସମ୍ପର୍କିତ ଆବେଦନକୁ ସ୍ପଷ୍ଟ ଭାବେ ଖାରଜ କରିଥିଲା ।ରମେଶ 'ଏକ୍ସ'ରେ ଏକ ପୋଷ୍ଟ କରି ଲେଖିଛନ୍ତି, "ତେବେ ସତ୍ୟପାଠର ପାରା ୧୨(ଡି)ରେ କୁହାଯାଇଥିଲା ଯେ, ୨୦୧୧ ଜନଗଣନା ପୂର୍ବରୁ ଜାତିର କୌଣସି ରେଜିଷ୍ଟର ପ୍ରସ୍ତୁତ କରାଯାଇନଥିଲା। ଜାତି ରେଜିଷ୍ଟର ପାଇଁ ଜାତି ଚୟନ କରିବାକୁ ଏକ ଡ୍ରପ୍-ଡାଉନ୍ ମେନୁ ଦିଆଯାଇଥିଲେ ଭଲ ହୋଇଥାନ୍ତା। ଏହାଦ୍ୱାରା କିଛି ସମାନ ଏବଂ ଭରସାଯୋଗ୍ୟ ତଥ୍ୟ ମିଳିପାରିଥାନ୍ତା।"ଜୟରାମ ରମେଶ କହିଛନ୍ତି ଯେ, ବିହାର ଓ ତେଲେଙ୍ଗାନାରେ ଜାତି ସର୍ଭେ କରାଯିବା ପୂର୍ବରୁ ଏଭଳି ଡ୍ରପ୍-ଡାଉନ୍ ମେନୁ ପ୍ରସ୍ତୁତ କରାଯାଇଥିଲା। ସେ କହିଛନ୍ତି ଯେ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ୫ ମେ ୨୦୨୫ରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଲେଖିଥିବା ଚିଠିରେ ମଧ୍ୟ ଏହି ପ୍ରସ୍ତାବ ସାମିଲ ଥିଲା। କଂଗ୍ରେସ ଅଭିଯୋଗ କରିଛି ଯେ, ମୋଦୀ ସରକାର ଜାତି ଜନଗଣନାକୁ ବିଫଳ କରିବାକୁ ଚାହୁଁଛି। ଦଳର ଦାବି ଅନୁସାରେ, ପ୍ରଧାନମନ୍ତ୍ରୀ ୩୦ ଏପ୍ରିଲ ୨୦୨୫ରେ ସମ୍ପୂର୍ଣ୍ଣ ୟୁ-ଟର୍ଣ୍ଣ ନେଇ ଜାତି ଜନଗଣନା ହେବ ବୋଲି ଘୋଷଣା କରିଥିଲେ, ଯାହାକୁ ପୂର୍ବରୁ ସେ 'ସହରୀ ନକ୍ସଲବାଦୀ ଚିନ୍ତାଧାରା' ବୋଲି ସମାଲୋଚନା କରିଥିବା କଂଗ୍ରେସ କହିଛି।

## ତିସ୍ତା ଜଳ ବଣ୍ଟନ ପ୍ରସଙ୍ଗରେ ଭାରତ ସହ ସମ୍ପର୍କ ଖରାପ କରିବାକୁ ଚାହୁଁନାହୁଁ

**ନୂଆଦିଲ୍ଲୀ,୧୮ ।୮(ଏଜେନ୍ସି):**ଦୀର୍ଘଦିନ ଧରି ଅମିମାଂଶିତ ରହିଥିବା ତିସ୍ତା ନଦୀ ଜଳ ବଣ୍ଟନ ପ୍ରସଙ୍ଗକୁ ନେଇ ଭାରତ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଖରାପ ହେଉ ବୋଲି ବାଂଲାଦେଶ ଚାହୁଁନାହିଁ ବୋଲି ଦେଶର ଜଳସମ୍ପଦ ମନ୍ତ୍ରୀ ଶାହିଦୁଦ୍ଦିନ ଚୌଧୁରୀ ଆନି କହିଛନ୍ତି। ତିସ୍ତା ନଦୀର ସମନ୍ୱିତ ପରିଚାଳନା ଓ ପୁନରୁଦ୍ଧାର ପ୍ରକଳ୍ପକୁ ଚୀନ୍ର ସହଯୋଗରେ ଆଗକୁ ବଢ଼ାଇବାକୁ ଢାକା ଉଦ୍ୟମ କରୁଥିବା ସମୟରେ ମନ୍ତ୍ରୀଙ୍କ ଏହି ମନ୍ତବ୍ୟ ସାମ୍ନାକୁ ଆସିଛି ।ଢାକାରେ ଏକ ସେମିନାରରେ ଆନି କହିଛନ୍ତି ଯେ, ଭାରତ ନିଜ ସ୍ୱାର୍ଥ ସହ ବାଂଲାଦେଶର ସ୍ୱାର୍ଥକୁ ମଧ୍ୟ ବିଚାର କରିବା ଆବଶ୍ୟକ। "ବନ୍ଧୁ ଦେଶ ଜଣେ ବନ୍ଧୁଙ୍କ ସ୍ୱାର୍ଥର ସୁରକ୍ଷା କରିବା ଉଚିତ। ଆମେ କେବେ ବି ଭାରତ ସହ ଆମର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଖରାପ ହେଉ ବୋଲି ଚାହୁଁନାହୁଁ," ବୋଲି ସେ କହିଛନ୍ତି। ବାଂଲାଦେଶର ଟିବିଏସ୍ ନ୍ୟୁଜ୍‌ର ରିପୋର୍ଟ ଅନୁସାରେ, ' ପଡୋଶୀ ଦେଶ(ଭାରତ) ଜଣେ ବନ୍ଧୁ ରାଷ୍ଟ୍ର। ସେମାନେ ସେମାନଙ୍କ ସ୍ୱାର୍ଥ ଚିନ୍ତା କରିବେ, ଆମେ ମଧ୍ୟ ଆମ ସ୍ୱାର୍ଥ ଚିନ୍ତା କରିବୁ। ଜଣେ ବନ୍ଧୁ ଅନ୍ୟ ଜଣେ ବନ୍ଧୁର ସ୍ୱାର୍ଥକୁ ସୁରକ୍ଷା ଦେବା ଦରକାର। ତାଙ୍କ ସହ ଥିବା ଆମର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଖରାପ ହେଉ ଏକଥା ଆମେ ଚାହୁଁ ନାହୁଁ।'

## ହାଫିଜ୍ ସଇଦ କାଶ୍ମୀରକୁ ୧୦ ହଜାର ଆତଙ୍କବାଦୀ ପଠାଇଥିବା ନାସିର ମଦନିଙ୍କ ଦାବି

**ନୂଆଦିଲ୍ଲୀ,୧୮ ।୮(ଏଜେନ୍ସି):**ପାକିସ୍ତାନରେ ଲସ୍କର-ଇ-ତୋ,ବା ସହିତ ଜଡିତ ଏକ କାର୍ଯ୍ୟକ୍ରମର ଭିଡିଓ ପ୍ରକାଶ ପାଇବା ପରେ, କାଶ୍ମୀର ସମ୍ପର୍କରେ ଆଉ ଏକ ବଡ଼ ଦାବି କରାଯାଇଛି। ମୌଲବୀ ନାସିର ମଦନି ହାଫିଜ୍ ସଇଦଙ୍କର ପ୍ରଶଂସା କରି କହିଛନ୍ତି ଯେ,ସେ କାଶ୍ମୀରକୁ ୧୦ ହଜାର ଆତଙ୍କବାଦୀ ପଠାଇଥିଲେ। ପୂର୍ବତନ ଭାରତୀୟ ସାମରିକ ଅଧିକାରୀ ଲେଫ୍ଟନାଣ୍ଟ ଜେନେରାଲ ଡିପି ପାଣ୍ଡେ ଏହି ବୟାନ ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ସହ ତାଚ୍ଛଲ୍ୟ କରି କହିଛନ୍ତି, ବିଦାୟର ସମୟ ଆସିଗଲା ।ପାଣ୍ଡେ କହିଛନ୍ତି, ଯେଉଁମାନେ ଭାରତୀୟ ସେନା, ଚିନାର କର୍ପସ ଏବଂ ଜମ୍ମୁ ଓ କାଶ୍ମୀର ପୁଲିସର କାର୍ଯ୍ୟ ଦେଖିଛନ୍ତି ସେମାନେ ଆତଙ୍କବାଦୀମାନଙ୍କର ଭବିଷ୍ୟତ କ'ଣ ହେବ ତାହା ଜାଣିଛନ୍ତି ।ନାସିର ମଦନି ସମ୍ପ୍ରତି ହୃଦଘାତରେ ପୀଡିତ ହୋଇ ଖବରର ଶିରୋନାମା ପାଲଟିଥିଲେ। ରିପୋର୍ଟ ଅନୁଯାୟୀ, ଜୁଲାଇ ମାସରେ ପାକିସ୍ତାନର ପଞ୍ଜାବ ପ୍ରଦେଶର ଜାହାନିୟାନ ସହରରେ ଏକ ଧାର୍ମିକ ଭାଷଣ ସମୟରେ ସେ ପଡ଼ିଯାଇଥିଲେ ଏବଂ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ପରେ ତାଙ୍କ ଅବସ୍ଥା ସ୍ଥିର ଥିବା ରିପୋର୍ଟ କରାଯାଇଥିଲା। ଏବେ, ଖବର ଆସିଛି ଯେ ସେ ଅଗଷ୍ଟ ୧୪ ତାରିଖରେ ବାହାୱାଲନଗରରେ ଲସ୍କର-ଇ-ତୋଏବାର ଏକ କାର୍ଯ୍ୟକ୍ରମରେ ମଞ୍ଚ ଉପରେ ଦେଖା ଦେଇଥିଲେ।

## ରାମ ମନ୍ଦିରର ପୂର୍ବତନ ଶୀର୍ଷ ଅଧିକାରୀ ଚମ୍ପତ ରାୟ ଏବଂ ଅନିଲ ମିଶ୍ରଙ୍କୁ କ୍ଲିନ୍ ଚିଟ୍

**ନୂଆଦିଲ୍ଲୀ,୧୮ ।୮(ଏଜେନ୍ସି):**ଅଯୋଧ୍ୟାର ରାମ ମନ୍ଦିରରେ ଦାନ ଚୋରି ଅଭିଯୋଗର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତ ଦଳ(ଏସଆଇଟି) ଟ୍ରଷ୍ଟର ପୂର୍ବତନ ମହାସଚିବ ଚମ୍ପତ ରାୟଙ୍କୁ କ୍ଲିନ୍ ଚିଟ୍ ଦେଇଛି। ଏସଆଇଟି ଟ୍ରଷ୍ଟର ପୂର୍ବତନ ସଦସ୍ୟ ଅନିଲ ମିଶ୍ରଙ୍କ ନାମକୁ ରିପୋର୍ଟରେ ରଖାଯାଇ ନାହିଁ। ଦାନ ଚୋରି ଅଭିଯୋଗ ଆସିବା ପରେ ଚମ୍ପତ ଏବଂ ଅନିଲ ଉଭୟ ଅଯୋଧ୍ୟା ରାମ ମନ୍ଦିର ପରିଚାଳନା ଟ୍ରଷ୍ଟରୁ ଜୁନ୍ ୨୭ ତାରିଖରେ ଇସ୍ତଫା ଦେଇଥିଲେ। ଉତ୍ତର ପ୍ରଦେଶ ଗୃହ ବିଭାଗ ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ମାମଲାରେ ସ୍ୱତନ୍ତ୍ର ତଦନ୍ତ ଦଳର ଚୂଡ଼ାନ୍ତ ରିପୋର୍ଟ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟକୁ ହସ୍ତାନ୍ତର କରିଛି ।ସୂତ୍ର ଅନୁଯାୟୀ, ପଚରାଉଚରା ସମୟରେ ଚମ୍ପତ ରାୟ ମନ୍ଦିରରେ ଦାନ ଚୋରିରେ କୌଣସି ଭୂମିକାକୁ ଅସ୍ୱୀକାର କରିଥିଲେ ଏବଂ କହିଥିଲେ ଯେ ତାଙ୍କ ଅଭିଯୋଗ ଆଧାରରେ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କୁ ଗିରଫ କରାଯାଇଥିଲା। ସୂତ୍ର ଅନୁଯାୟୀ, ଚମ୍ପତ ପୁଲିସକୁ ଏହା ମଧ୍ୟ କହିଥିଲେ ଯେ ଦାନ ସଂଗ୍ରହରେ କୌଣସି ଅନିୟମିତତା ନହେବା ନିଶ୍ଚିତ କରିବା ତାଙ୍କର ଦାୟିତ୍ୱ ଏବଂ ଭୁଲ୍ ବିଷୟରେ ଜାଣିବା ମାତ୍ରେ ସେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ।

ସୁପ୍ରିମକୋର୍ଟ ଏହି ମାମଲାରେ ହସ୍ତକ୍ଷେପ କରିବା ପୂର୍ବରୁ, ଟ୍ରଷ୍ଟର ଅନୁରୋଧରେ ରାଜ୍ୟ ସରକାର ଜୁନ୍ ୧୩ ତାରିଖରେ ଲକ୍ଷ୍ନୌ ଡିଭିଜନାଲ



କମିସନର ବିଜୟ ବିଶ୍ୱାସ ପନ୍ତଙ୍କ ନେତୃତ୍ୱରେ ତିନି ସଦସ୍ୟ ବିଶିଷ୍ଟ ଏସଆଇଟି ଗଠନ କରିଥିଲେ। ଏହାର ଅନ୍ୟ ସଦସ୍ୟଙ୍କ ମଧ୍ୟରେ ରେଞ୍ଜ ଇନ୍ସପେକ୍ଟର ଜେନେରାଲ କିରଣ ଏସ୍ ଏବଂ ସ୍ୱତନ୍ତ୍ର ସଚିବ (ଅର୍ଥ) ନୀଳ ରତନ କୁମାର ଅଛନ୍ତି। ପ୍ୟାନେଲ ଜୁନ୍ ୨୩ ତାରିଖରେ ରାଜ୍ୟ ସରକାରଙ୍କୁ ତାଙ୍କର ପ୍ରାରମ୍ଭିକ ରିପୋର୍ଟ ପ୍ରଦାନ କରିଥିଲା, ଯେଉଁଥିରେ ଅନେକ କଠୋର ସୁପାରିଶ କରାଯାଇଥିଲା। ପ୍ରାରମ୍ଭିକ ରିପୋର୍ଟ ଆଧାରରେ, ଟ୍ରଷ୍ଟ ସଦସ୍ୟ କୃଷ୍ଣମୋହନ ଶ୍ରୀରାମ ଜନ୍ମଭୂମି ପୁଲିସ ଷ୍ଟେସନରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ, ଯାହା ପରେ ଜୁନ୍ ୨୫ ତାରିଖରେ ଏହି ମାମଲାରେ ଏକ ଏଫଆଇଆର ରୁଜୁ ହୋଇଥିଲା।

ଏଫଆଇଆରରେ ଆଠ ଜଣଙ୍କ ନାମ ରହିଛି। ସେମାନେ ହେଉଛନ୍ତି ଅଭିନାଶ ଶୁକ୍ଲା, ଅନୁକଳ୍ପ ମିଶ୍ର, ଲାଭକୁଶ ମିଶ୍ର, ମନୀଷ କୁମାର ଯାଦବ, କରୁଣେଶ ପାଣ୍ଡେ, ରାମଶଙ୍କର ମିଶ୍ର, ସୁଭାଷ ଶ୍ରୀବାସ୍ତବ ଏବଂ ରାମ ଶଙ୍କର ଯାଦବ ଓରଫ ଟିନ୍ନୁ ଏବଂ ଅନ୍ୟ ଅଜଣା ବ୍ୟକ୍ତିଙ୍କୁ ଅଭିଯୁକ୍ତ ଭାବରେ ଦର୍ଶାଯାଇଛି। ସମସ୍ତଙ୍କୁ ଭାରତୀୟ ନ୍ୟାୟ ସଂହିତାର ଧାରା ଏବଂ ଦୁର୍ନୀତି ନିବାରଣ ଆଇନର ଧାରା ୧୩(୧)(କ) ଅନୁଯାୟୀ ଗିରଫ କରାଯାଇ ମାମଲା ରୁଜୁ କରାଯାଇଛି। ପ୍ରାଥମିକ ରିପୋର୍ଟ ଏହି ମାମଲାରେ ପରବର୍ତ୍ତୀ ଏଫଆଇଆର ଏବଂ ଗିରଫଦାରୀ-ସମ୍ବନ୍ଧୀୟ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଆଧାର ଗଠନ କରିଥିଲା।

## ସୁପ୍ରିମକୋର୍ଟଙ୍କ ବଡ଼ ରାୟ 'ଫାଶୀ ପ୍ରକ୍ରିୟା ବଦଳାଇବାର ଆଧାର ନାହିଁ'

**ନୂଆଦିଲ୍ଲୀ,୧୮ ।୮(ଏଜେନ୍ସି):** ଫାଶୀ ଦଣ୍ଡବିଧାନକୁ ନେଇ ସୁପ୍ରିମକୋର୍ଟଙ୍କ ବଡ଼ ରାୟ । ଏବେ ପାଇଁ ଫାଶୀ ଦଣ୍ଡ ଦେବାର ପ୍ରଚଳିତ ପ୍ରକ୍ରିୟାରେ କୌଣସି ପରିବର୍ତ୍ତନ ହେବ ନାହିଁ । ଫାଶୀ ବଦଳରେ ଅଧିକ ଯନ୍ତ୍ରଣାମୁକ୍ତ କିମ୍ବା ବିକଳ୍ପ ପଦ୍ଧତି ଆପଣାଇବାକୁ ଦାବି କରି ଦାଏର ହୋଇଥିବା ଜନସ୍ୱାର୍ଥ ମାମଲାକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି ।



ତେବେ ଫାଶୀ ଦଣ୍ଡ ଦେବାର ଅଧିକ ଯନ୍ତ୍ରଣାମୁକ୍ତ ପ୍ରକ୍ରିୟା ସମ୍ଭବ କି ନାହିଁ, ସେନେଇ ସରକାର ବିଚାର କରିବା ଉଚିତ ବୋଲି କୋର୍ଟ ପରାମର୍ଶ ଦେଇଛନ୍ତି । ଜଷ୍ଟିସ୍ ବିକ୍ରମ ନାଥ ଏବଂ ଜଷ୍ଟିସ୍ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି ।କୋର୍ଟ କହିଛନ୍ତି ଯେ, ସିଆର୍‌ପିସିର ଧାରା ୩୫୪(୫) ଏବଂ ବିଏନ୍‌ଏସ୍‌ର ଧାରା ୩୯୩(୫) ଅନୁସାରେ ରହିଥିବା ଫାଶୀ ଦେବା ପ୍ରକ୍ରିୟାକୁ ବାତିଲ କରିବା ପାଇଁ ବର୍ତ୍ତମାନ ପର୍ଯ୍ୟାପ୍ତ ଆଧାର ନାହିଁ । ଏହାସହ ମାମଲାଟିକୁ ବଡ଼ ବେଞ୍ଚ୍ ନିକଟକୁ ପୁନର୍ବିଚାର ପାଇଁ ପଠାଇବାକୁ ମଧ୍ୟ କୋର୍ଟ ମନା କରିଦେଇଛନ୍ତି। ଅର୍ଥାତ୍, ବର୍ତ୍ତମାନ ପାଇଁ ଦେଶରେ ଫାଶୀ ଦଣ୍ଡ ଦେବାର ପ୍ରଚଳିତ ବ୍ୟବସ୍ଥା ଜାରି ରହିବ। ତେବେ ଭବିଷ୍ୟତରେ ଏହାଠାରୁ ଅଧିକ ମାନବିକ ଓ ଯନ୍ତ୍ରଣାମୁକ୍ତ ପଦ୍ଧତି ଆପଣାଇବା ନେଇ ସରକାର ବିଚାର କରିପାରିବେ ବୋଲି ସୁପ୍ରିମକୋର୍ଟ ସଙ୍କେତ ଦେଇଛନ୍ତି ।

## ଟ୍ୟାକ୍ସ ଦେଇ ମଧ୍ୟବିତ୍ତଙ୍କୁ କ'ଣ ମିଳିଛି

**ନୂଆଦିଲ୍ଲୀ,୧୮ ।୮(ଏଜେନ୍ସି):**ବିଜେପିର ପୂର୍ବତନ ଯୁବନେତା ତଥା ପ୍ରବକ୍ତା ଶହଜାଦ ପୁନାବାଲା ବିଜେପି ଛାଡିବା ପରେ ବିଜେପି ସରକାରକୁ ପ୍ରଶ୍ନ ଘେରରେ ଘାଇଲା କରିଛନ୍ତି । ସେ କହିଛନ୍ତି କି, ଭାରତର ମଧ୍ୟବିତ୍ତମାନେ ସରକାରଙ୍କୁ ସର୍ବାଧିକ କର ଦେଉଛନ୍ତି । ହେଲେ ସରକାର ଦିନ ଦ୍ୱିପହରେ ତାଙ୍କୁ ଲୁଟିବାରେ ଲାଗିଛନ୍ତି । କାରଣ ମଧ୍ୟବିତ୍ତ ଯେତିକି କର ଦେଉଛନ୍ତି ସେହି ଅନୁପାତରେ ସେମାନଙ୍କୁ ସୁବିଧା ମିଳୁନାହିଁ । ସେ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଏକ ଭିଡିଓ ପୋଷ୍ଟ କରି କହିଛନ୍ତି କି, ଭାରତ



ସରକାର ମଧ୍ୟବିତ୍ତଙ୍କୁ ଏଟିଏମ୍ କାର୍ଡ ଭଳି ବ୍ୟବହାର କରୁଛନ୍ତି । ଏକ ସମୟରେ ଟିଭି ଡିବେଟରେ ବିରୋଧୀଙ୍କୁ ଟକ୍କର ଦେଉଥିବା ଶହଜାଦ ପୁନାୱାଲା କହିଛନ୍ତି କି, ଯେପର୍ଯ୍ୟନ୍ତ ଆମେ ବିଶ୍ୱସ୍ତରୀୟ ସୁବିଧା ପାଇନାହାନ୍ତି, ସେପର୍ଯ୍ୟନ୍ତ ଦରମା ପାଉଥିବା ମଧ୍ୟବିତ୍ତ ଲୋକମାନଙ୍କ ପାଇଁ ବ୍ୟକ୍ତିଗତ ଆୟକର ସମାପ୍ତ କରାଯିବା ଦରକାର । ପୁନାବାଲା କିଛିଦିନ ତଳେ ବିଜେପିରୁ ଇସ୍ତଫା ଦେଇଥିଲେ । ସେ ତାଙ୍କର ଇସ୍ତଫା ପତ୍ର ଏକ୍ସ ଆକାଉଣ୍ଟରେ ପୋଷ୍ଟ କରିଥିଲେ । ପାର୍ଟି ଛାଡିବାର କିଛିଦିନ ପରେ ସେ ସୋସିଆଲ ମିଡିଆରେ ମଧ୍ୟବିତ୍ତଙ୍କ ଠାରୁ ଆଦାୟ ହେଉଥିବା କର ଓ ଦେଶରେ ମୌଳିକ ସୁବିଧା ଯେଭଳି କି, ସଡକ, ସ୍କୁଲ, ସ୍ୱାସ୍ଥ୍ୟ ସେବାକୁ ନେଇ ପ୍ରଶ୍ନ ଉଠାଇବା ଆରମ୍ଭ କରିଦେଇଛନ୍ତି ।

## ହର୍ମୁଜ୍‌କୁ ଆମେରିକାର ଅଞ୍ଚଳ ଘୋଷଣା କରିବା ଯୋଜନାକୁ ଦୋହରାଇଲେ ଟ୍ରମ୍ପ

**ନୂଆଦିଲ୍ଲୀ,୧୮ ।୮(ଏଜେନ୍ସି):**ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ହର୍ମୁଜ୍ ପ୍ରଣାଳୀକୁ ଆମେରିକାର ଅଞ୍ଚଳ ଘୋଷଣା କରିବା ତାଙ୍କର ଦାବିକୁ ଦୋହରାଇଛନ୍ତି। ଇରାନ ସହିତ ଜାରି ଉତ୍ତେଜନା ମଧ୍ୟରେ ୱାସିଂଟନର ଏହି ସାମୁଦ୍ରିକ ଜଳପଥ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିଛି ବୋଲି ଟ୍ରମ୍ପ କହିଛନ୍ତି। ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ସମୟରେ, ଟ୍ରମ୍ପ ଇରାନର ଆମେରିକାର ନୌସେନା ଅବରୋଧକୁ ସମର୍ଥନ କରି କହିଛନ୍ତି ଯେ, ଏହି ଅଭିଯାନ ପ୍ରଭାବଶାଳୀ ଥିଲା। ସେ ଏହା ମଧ୍ୟ ଦାବି କରିଛନ୍ତି ଯେ, ହର୍ମୁଜ୍ ପ୍ରଣାଳୀ ଖୋଲା ରହିଛି ଏବଂ ତୈଳ ମୂଲ୍ୟ ହ୍ରାସ ପାଉଛି। ଇରାନ ବଡ଼ ସଙ୍କଟରେ ଅଛି। ଦେଶର ମୁଦ୍ରାସ୍ଫୀତି ୩୦୦ ପ୍ରତିଶତ ରହିଛି ।ଏହା ସହ ଇରାନ ଅବ୍ୟବସ୍ଥା ଦେଇ ଗତି କରୁଛି। ଦେଶର ସାମରିକ ବାହିନୀ ସମ୍ପୂର୍ଣ୍ଣ ଭାବରେ ପରାଜିତ ହୋଇଥିବା ଟ୍ରମ୍ପ କହିଛନ୍ତି। ମୁଁ ଭାବୁଛି ହର୍ମୁଜ୍‌କୁ ଦଖଲ କରିବା ଏକ ଭଲ ଚିନ୍ତାଧାରା। ଏଭଳି



ଚିନ୍ତା ଧାରା ମୋତେ ପସନ୍ଦ। ଆମର ପ୍ରଣାଳୀ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଅଛି ବୋଲି ଟ୍ରମ୍ପ କହିଛନ୍ତି। ଇରାନ ଜଳପଥରେ ମାଇନ୍ସ ରଖି ଜାହାଜ ଚଳାଚଳ ପାଇଁ ବିପଦ ସୃଷ୍ଟି କରିପାରେ। ମାସ ମାସ ଧରି ବୃଦ୍ଧି ପାଉଥିବା ଉତ୍ତେଜନା ଏବଂ ପରିବହନରେ ବାଧା ଆନ୍ତର୍ଜାତୀୟ ଶକ୍ତି ବଜାରକୁ ଗୁରୁତର ଭାବରେ ପ୍ରଭାବିତ କରିଛି, ଯାହା ଫଳରେ ବିଶ୍ୱରେ ଅଶୋଧିତ ତେଲର ମୂଲ୍ୟ ବୃଦ୍ଧି ପାଇଛି ଏବଂ ବାଣିଜ୍ୟିକ ନୌବାହିନୀ ଅପରେଟରମାନଙ୍କ ପାଇଁ ଯୁଦ୍ଧ-ବିପଦ ବୀମା ପ୍ରିମିୟମ ବୃଦ୍ଧି ପାଇଛି। ହ୍ରାସ ପାଇଥିବା ଯାତାୟାତ ବିଶ୍ୱବ୍ୟାପୀ ଶକ୍ତି ଯୋଗାଣରେ ବାଧା ଏବଂ ତୈଳ ମୂଲ୍ୟ ଉପରେ ସମ୍ଭାବ୍ୟ ପ୍ରଭାବ ଉପରେ ଚିନ୍ତା ବଢ଼ାଇଛି ।ଟ୍ରମ୍ପ ହର୍ମୁଜ୍ ପ୍ରଣାଳୀର ନିୟନ୍ତ୍ରଣ ପାଇଁ ତେହେରାନ ସହିତ ଏକ ଚୁକ୍ତିରେ ସାମିଲ ହେବା ବିରୋଧରେ ଓମାନକୁ ଚେତାବନୀ ଦେଇ କହିଛନ୍ତି ଯେ, ଯଦି ମସ୍କାଟ ରଣନୈତିକ ଜଳପଥ ଉପରେ ୱାସିଂଟନର ସ୍ଥିତିରେ ହସ୍ତକ୍ଷେପ କରିବ ତେବେ ଆମେରିକା ବୋମାମାଡ କରିବ।

# ଇମ୍ରାନ ଖାନଙ୍କୁ ଜେଲ୍‌ରୁ ମୁକ୍ତ କରାଯିବ

କନକବ୍ୟୁରୋ : ପୂର୍ବତନ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି ଖବର ଆସିଛି। ପାକିସ୍ତାନର ସୁପ୍ରିମକୋର୍ଟ ଜେଲ୍ ?ରେ ଥିବା ଇମ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ଦଳ ପାକିସ୍ତାନ ତେହେରିକ୍-ଏ-ଇନସାଫ (ପିଟିଆଇ) ଏବଂ ତାଙ୍କ ପରିବାରର ଦୀର୍ଘ ଦିନର ଦାବିର ଜବାବରେ ଏହି ନିର୍ଦ୍ଦେଶ ଦିଆଯାଇଛି। ଆଡିଆଲା ଜେଲରୁ ଇମ୍ରାନଙ୍କ ସାମ୍ପ୍ରତିକ ଡାକ୍ତରୀ ରିପୋର୍ଟକୁ ନେଇ ଦଳ ଏବଂ ପରିବାର ଚିନ୍ତା ପ୍ରକାଶ କରିଥିଲେ ।ପିଟିଆଇ ମୁଖପାତ୍ର ନଇମ ହାଇଦର ପଞ୍ଜୁଥାଙ୍କ ଅନୁଯାୟୀ, ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ଇମ୍ରାନ ଖାନଙ୍କୁ ୪୮ ଘଣ୍ଟା ମଧ୍ୟରେ ଶିଫା ଇଣ୍ଟରନ୍ୟାସନାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯିବ ଏବଂ ୧୬ ସେପ୍ଟେମ୍ବର ପର୍ଯ୍ୟନ୍ତ ସେ ସେଠାରେ ରହିବ। କୋର୍ଟ ଇମ୍ରାନ ଖାନ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ସାପ୍ତାହିକ ବୈଠକ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଆଦେଶରେ କୁହାଯାଇଛି ଯେ ଇମ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥା ମୂଲ୍ୟାଙ୍କନ ପାଇଁ ଏକ ମେଡିକାଲ ବୋର୍ଡ ଗଠନ କରାଯିବ, ଯେଉଁଥିରେ ଇମ୍ରାନଙ୍କ ବ୍ୟକ୍ତିଗତ ଡାକ୍ତର ଏବଂ ତାଙ୍କ ଭଉଣୀ ଡାକ୍ତର ଉଜମା ଖାନ ରହିବେ ।କୋର୍ଟ ଇମ୍ରାନ ଖାନଙ୍କ ଆଇନଜୀବୀ ଏବଂ ତାଙ୍କ ପରିବାରକୁ ମେଡିକାଲ ରିପୋର୍ଟ ଗଣମାଧ୍ୟମ ସହିତ ସେୟାର ନକରିବାକୁ କିମ୍ବା ଏହି ପ୍ରସଙ୍ଗକୁ ରାଜନୀତିକରଣ ନକରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ।କ୍ରିକେଟରରୁ ରାଜନେତା



ହୋଇଥିବା ୭୩ ବର୍ଷୀୟ ଇମ୍ରାନ ଖାନ ଅଗଷ୍ଟ ୨୦୨୩ ରୁ ଜେଲରେ ଅଛନ୍ତି। ତାଙ୍କୁ ଅନେକ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଛି, କିନ୍ତୁ ସେ ଦାବି କରିଛନ୍ତି ଯେ ୨୦୨୨ ରେ ତାଙ୍କୁ କ୍ଷମତାରୁ ହଟାଇବା ପରେ ରାଜନୈତିକ କାରଣରୁ ଏହି ମାମଲାଗୁଡ଼ିକ ଦାୟର କରାଯାଇଥିଲାଗତ ବର୍ଷଠାରୁ, ଇମ୍ରାନ ଖାନଙ୍କ ପୁଅ ତାଙ୍କ ଅବନତିଶୀଳ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ବାରମ୍ବାର ଚିନ୍ତା ପ୍ରକାଶ କରିଛନ୍ତି। ତାଙ୍କ ଆଇନଜୀବୀ କହିଛନ୍ତି ଯେ, ଜେଲରେ ଥିବା ସମୟରେ ତାଙ୍କ ଡାହାଣ ଆଖି ଖରାପ ହୋଇଯାଇଥିଲା। ପୂର୍ବତନ ପାକିସ୍ତାନ ରାଷ୍ଟ୍ରପତି ଆରିଫ ଆଲଭିଙ୍କ ସମେତ ଅନ୍ୟମାନେ ମଧ୍ୟ ଚିନ୍ତା ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ, ଆଲଭି କହିଛନ୍ତି, ସେ ଇମ୍ରାନଙ୍କ ମେଡିକାଲ୍ ରିପୋର୍ଟ ଦେଖିଛନ୍ତି। ସେଗୁଡ଼ିକ ବେଶ୍ ଚିନ୍ତାଜନକ ରହିଛି। ସେ ଲେଖିଛନ୍ତି, ମୁଁ ଏହି ରିପୋର୍ଟଗୁଡ଼ିକୁ ଅନେକ ବିଶେଷଜ୍ଞଙ୍କ ସହିତ ସମୀକ୍ଷା କରିଛି ଏବଂ ଏହାକୁ ସରଳ ଭାଷାରେ ଲେଖୁଛି ଯାହା ଦ୍ୱାରା ପ୍ରତ୍ୟେକ ପାକିସ୍ତାନୀ ବୁଝିପାରିବେ ଯେ କ'ଣ ଘଟୁଛି। ସେ ଆହୁରି କହିଛନ୍ତି ଯେ ସେ ଇମ୍ରାନ ଖାନଙ୍କ ଚିନ୍ତା, ଦ୍ରୁତ ହୃଦସ୍ପନ୍ଦନ ଏବଂ ଉଚ୍ଚ ରକ୍ତଚାପ ବିଷୟରେ ସବୁଠାରୁ ଅଧିକ ଚିନ୍ତିତ। ସେ କହିଛନ୍ତି ଯେ ରିପୋର୍ଟରେ ଅନିଦ୍ରା ବିଷୟରେ ଉଲ୍ଲେଖ କରାଯାଇ ନାହିଁ, କିନ୍ତୁ ତାଙ୍କୁ ଦିଆଯାଉଥିବା ଔଷଧ ଏହା ସୂଚିତ କରୁଛି। ସେ କହିଛନ୍ତି, ମୁଁ ଇମ୍ରାନ ଖାନଙ୍କୁ ୩୫ ବର୍ଷରୁ ଅଧିକ ସମୟ ଧରି ଜାଣିଛି। ଚାପ କେବେ ତାଙ୍କର ଦୁର୍ବଳତା ହୋଇନାହିଁ। ବର୍ତ୍ତମାନ ତାଙ୍କର ଚାପ ଶୀର୍ଷରେ ପହଞ୍ଚିବାର କାରଣ ପଛରେ ତିନି ବର୍ଷର ଜେଲ୍ ଏବଂ ସମ୍ପୂର୍ଣ୍ଣ ଏକୁଟିଆ ରହିଥିବାର ପ୍ରଭାବକୁ ଦର୍ଶାଉଛି।


## ପୁରୁଣା ତିନି ମହଲା କୋଠା ଭୁଶୁଡ଼ି ମହିଳା ମୃତ

**ନୂଆଦିଲ୍ଲୀ,୧୮ ।୮(ଏଜେନ୍ସି):**ପଶ୍ଚିମବଙ୍ଗରେ ଲଗାଣ ବର୍ଷା ଓ ଖରାପ ପାଗ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ । ରାଜ୍ୟର ଅନେକ ଅଞ୍ଚଳରେ ତଳିଆ ସ୍ଥାନରେ ପାଣି ଜମିଥିବା ବେଳେ ଲୋକେ ଜଳବନ୍ଦୀ ହୋଇପଡ଼ିଛନ୍ତି । ଏହାରି ମଧ୍ୟରେ କୋଲକାତାର ଜୋରବାଗାନ ଅଞ୍ଚଳରେ ଏକ ପୁରୁଣା ତିନି ମହଲା କୋଠା ଭୁଶୁଡ଼ି ପଡ଼ିବାରୁ ଜଣେ ୬୦ ବର୍ଷୀୟା ମହିଳାଙ୍କ ମୃତ୍ୟୁ ଘଟିଛି ।ମଙ୍ଗଳବାର ସକାଳ ପ୍ରାୟ ସାଢେ ୫ଟା ସମୟରେ ଜୋରବାଗାନ ଅଞ୍ଚଳର ୩୧ ନମ୍ବର ବ୍ରଜଦୁଲାଲ ଷ୍ଟ୍ରିଟ୍‌ରେ ଏହି ଅଘଟଣ ଘଟିଛି । ପ୍ରାୟ ୨୦୦ ବର୍ଷ ପୁରୁଣା କୋଠାଟି ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଦୁର୍ଘଟଣାରେ ଉର୍ମିଳା ସାହୁ ନାମକ ୬୦ ବର୍ଷୀୟା ମହିଳାଙ୍କ ମୃତ୍ୟୁ ହୋଇଛି । କୋଠା ଭୁଶୁଡ଼ିବା ପରେ ପ୍ରାୟ ୨୦ ଜଣ ଲୋକ ଭିତରେ ଫସିଥିବା ସୂଚନା ମିଳିଥିଲା । ଘଟଣାସ୍ଥଳକୁ ଯିବା ପାଇଁ ଗୋଟିଏ ମାତ୍ର ରାସ୍ତା ଥିବାରୁ ଉଦ୍ଧାରକାର୍ଯ୍ୟରେ ସମସ୍ୟା ଦେଖାଦେଇଥିଲା । ତେବେ ସ୍ଥାନୀୟ ଲୋକଙ୍କ ସହଯୋଗରେ ପଛପଟ ଦ୍ୱାର ଦେଇ ପ୍ରାୟ ୧୬ ଜଣଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଛି । ସବୁଠାରୁ ଚିନ୍ତାଜନକ କଥା ହେଉଛି, ଏହି କୋଠାକୁ ପୌରପାଳିକା ପକ୍ଷରୁ ବହୁ ପୂର୍ବରୁ ବିପଦସଙ୍କୁଳ ଘୋଷଣା କରାଯାଇଥିଲା । ଏପରିକି କୋଠାଟିକୁ ଖାଲି କରିବା ପାଇଁ ନୋଟିସ୍ ମଧ୍ୟ ଜାରି ହୋଇଥିଲା । ତଥାପି ସେଠାରେ ଲୋକେ ରହୁଥିବାରୁ ଏବେ ପ୍ରଶାସନିକ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି । ଘଟଣା ପରେ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ଅନ୍ୟପଟେ ଲଗାଣ ବର୍ଷା ଯୋଗୁଁ ପଶ୍ଚିମବଙ୍ଗର ଅନେକ ତଳିଆ ଅଞ୍ଚଳରେ ବର୍ଷାଜଳ ଜମି ରହିଛି । ବହୁ ସ୍ଥାନରେ ଲୋକେ ଜଳବନ୍ଦୀ ହୋଇଥିବାରୁ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି ।

### ନୂଆ ସ୍ୱାସ୍ଥ୍ୟ ଆଇନ ଆଣିବେ ବିଜୟ ସରକାର

# ଘରେ ପ୍ରସବ କରାଇଲେ ଭୋଗିବେ ଦଣ୍ଡ

**ନୂଆଦିଲ୍ଲୀ,୧୮।୮(ଏଜେନ୍ସି):** ତାମିଲନାଡୁରେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ନେତୃତ୍ୱାଧୀନ ନୂଆ ସରକାର ଲଗାତାର କିଛି ନା କିଛି ଭିନ୍ନ ନିଷ୍ପତ୍ତି ନେଉଛନ୍ତି। ଏବେ ରାଜ୍ୟ ସରକାର ମହିଳାମାନଙ୍କ ସୁରକ୍ଷିତ ପ୍ରସବ ପାଇଁ ନୂଆ ନିୟମ ପ୍ରସ୍ତୁତ କରୁଛନ୍ତି, ଯେଉଁଥିରେ ଘରେ ସନ୍ତାନ ପ୍ରସବ କରାଇବାକୁ ଦଣ୍ଡନୀୟ ଅପରାଧ ଭାବେ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଛି ।ଗତ ସୋମବାର ବିଧାନସଭାରେ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ କେ.ଜି. ଅରୁଣରାଜ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟ ସରକାର ଖୁବଶୀଘ୍ର ଘରେ ଏବଂ ଡାକ୍ତରଖାନା ବାହାରେ ହେଉଥିବା ପ୍ରସବକୁ ଦଣ୍ଡନୀୟ ଅପରାଧ ଘୋଷଣା କରିବାକୁ ଯାଉଛନ୍ତି। ବର୍ତ୍ତମାନ ଦେଶରେ ଘରେ ପ୍ରସବ କରାଇବା ଆଇନଗତ ଭାବେ ଅପରାଧ ନୁହେଁ। ଅନେକ କ୍ଷେତ୍ରରେ ଲୋକେ ଘରେ ହିଁ ପ୍ରସବ କରାଇବାକୁ ପସନ୍ଦ କରୁଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଅନୁଦାନ ଦାବି ଉପରେ ଆଲୋଚନା ବେଳେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ତାମିଲନାଡୁ ପବ୍ଲିକ୍ ହେଲ୍ଥ ଆକ୍ଟ, ୧୯୩୯ (ତାମିଲନାଡୁ ଜନସ୍ୱାସ୍ଥ୍ୟ ଆଇନ) ପ୍ରାୟ ୯ ଦଶନ୍ଧି ଅର୍ଥାତ୍ ୮୭ ବର୍ଷ ପୁରୁଣା ଏବଂ ଏହା ଏବେ ବାତିଲ



ହୋଇଯାଇଛି ।ବିଦ୍ୟମାନ ଏବଂ ନୂତନ ସ୍ୱାସ୍ଥ୍ୟଗତ ଆହ୍ୱାନର ମୁକାବିଲା କରିବା ପାଇଁ ଟିଭିକେ ସରକାର ଏକ ନୂଆ ତାମିଲନାଡୁ ଜନସ୍ୱାସ୍ଥ୍ୟ ଆଇନ ଆଣିବାକୁ ଯାଉଛନ୍ତି। ଏହି ପ୍ରସ୍ତାବିତ ଆଇନରେ ଡାକ୍ତରଖାନା ବାହାରେ ବା ଘରେ ସନ୍ତାନ ଜନ୍ମ କରିବାକୁ ଏକ ଦଣ୍ଡନୀୟ ଅପରାଧ ବୋଲି ବିବେଚନା କରାଯିବାର ପ୍ରାବଧାନ ସାମିଲ ହେବ। ସ୍ୱାସ୍ଥ୍ୟ ବିଭାଗ ପାଇଁ କରାଯାଇଥିବା ୧୧୫ଟି ଘୋଷଣା ମଧ୍ୟରୁ ଏହା ଥିଲା ପ୍ରଥମ। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ସଚିବ ଦାରାଜ ଅହମ୍ମଦ କହିଛନ୍ତି ଯେ ନୂଆ ଆଇନ ଖୁବଶୀଘ୍ର ଅଣାଯିବ। ତେବେ ଘରେ ପ୍ରସବ ସମ୍ବନ୍ଧୀୟ ଏକ ସଂଶୋଧନ ମଧ୍ୟ ପୃଥକ୍ ଭାବେ ଆଗତ କରାଯିବ, କାରଣ ଏହା ଉପରେ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ।ଘରେ ପ୍ରସବକୁ ନେଇ କଠୋର ଆଭିମୁଖ୍ୟ ଗ୍ରହଣ କରିବା ପଛରେ ଏକ ସାମ୍ପ୍ରତିକ ଘଟଣା ମୁଖ୍ୟ କାରଣ ବୋଲି କୁହାଯାଉଛି। କୋଏମ୍ବାଟୁର ଜିଲ୍ଲାରେ ଘଟିଥିବା ଏକ ଘଟଣା ପରେ ଏହି ପ୍ରସଙ୍ଗ ଚର୍ଚ୍ଚାକୁ ଆସିଛି। ଜୁନ୍ ମାସରେ ଉଥୁକୁଲି ନିକଟସ୍ଥ ପୁଞ୍ଜାଇ ଥଳାଇବିପାଳୟମର ବାସିନ୍ଦା ୩୨ ବର୍ଷୀୟା ଶଶିକଳା ଘରେ ନିଜର ଦ୍ୱିତୀୟ ସନ୍ତାନକୁ ଜନ୍ମ ଦେବାର ୪ ଦିନ ପରେ ଏକ ଘରୋଇ ଡାକ୍ତରଖାନାରେ ପ୍ରାଣ ହରାଇଥିଲେ।

## ଭାରତର ନିର୍ବାଚନ ବ୍ୟବସ୍ଥାକୁ ଟ୍ରମ୍ପଙ୍କ ପ୍ରଶଂସା

**ନୂଆଦିଲ୍ଲୀ,୧୮ ।୮(ଏଜେନ୍ସି):**ଭାରତର ବିଶାଳ ନିର୍ବାଚନ ବ୍ୟବସ୍ଥା ଏବେ ଆମେରିକାରେ ଆଲୋଚନାର ବିଷୟ ! ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତର ନିର୍ବାଚନ ପ୍ରକ୍ରିୟା ଏବଂ ଭୋଟର ପରିଚୟ ପତ୍ର ବ୍ୟବସ୍ଥାକୁ ଉଦାହରଣ ଭାବରେ ନେଇ, ଆମେରିକାରେ ଏହିପରି କଠୋର ଭୋଟର ପରିଚୟ ପତ୍ର ନିୟମ ପାଇଁ ଆହ୍ୱାନ ଦେଇଛନ୍ତି ।ତାଙ୍କ ଟ୍ରୁଥ ସୋସିଆଲ ପୋଷ୍ଟରେ, ଟ୍ରମ୍ପ ଭାରତର ୨୦୨୪ ସାଧାରଣ ନିର୍ବାଚନକୁ ଉଲ୍ଲେଖ କରିଛନ୍ତି ଓ କହିଛନ୍ତି ଯେ ପ୍ରାୟ ୬୪୬ ନିୟୁତ ଲୋକ ଭୋଟ ଦେଇଥିଲେ, କିନ୍ତୁ ୧% ରୁ କମ୍ ଭୋଟର ଡାକ ଯୋଗେ ଭୋଟ ଦେଇଥିଲେ, ଏହା ସହ ଭୋଟରମାନଙ୍କର ବୈଧ ଫଟୋ ପରିଚୟ ପତ୍ର ରହିବା ଆବଶ୍ୟକ। ଟ୍ରମ୍ପ ଯୁକ୍ତି ଦେଇଛନ୍ତି ଯେ ଯଦି ଭାରତ ଭଳି ଏକ ବୃହତ ଦେଶରେ ଭୋଟର ପରିଚୟ ଯାଞ୍ଚ କରି ନିର୍ବାଚନ କରାଯାଇପାରେ, ତେବେ ଆମେରିକାରେ କାହିଁକି ନୁହେଁ ? ଟ୍ରମ୍ପ୍ କଂଗ୍ରେସ ଉପରେ ସେଭ୍ ଆମେରିକା ଆଇନ ପାସ୍ କରିବା ପାଇଁ ଚାପ ବୃଦ୍ଧି କରିଛନ୍ତି। ଏହି ପ୍ରସ୍ତାବିତ ଆଇନ ଭୋଟର ପଞ୍ଜୀକରଣ ସମୟରେ ନାଗରିକତା ପ୍ରମାଣ ଏବଂ ଫଟୋ ପରିଚୟ ପତ୍ର ଆବଶ୍ୟକ କରିବା ସହିତ ଡାକ ମାଧ୍ୟମରେ ଭୋଟ ଦେବା ଉପରେ ପ୍ରତିବନ୍ଧକ ଲଗାଇବା ପ୍ରସ୍ତାବ ରଖିଛି। ଏହି ପ୍ରସଙ୍ଗରେ ଆମେରିକାରେ ଯଥେଷ୍ଟ ରାଜନୈତିକ ବିଭାଜନ ରହିଛି। ଗୋଟିଏ ପକ୍ଷ ଟ୍ରମ୍ପଙ୍କୁ ସମର୍ଥନ କରିବା ବେଳେ ଅନ୍ୟ ପକ୍ଷ ଟ୍ରମ୍ପଙ୍କ ବିପକ୍ଷରେ ଅଛନ୍ତି ।ଭାରତରେ ଆମେରିକାର ରାଷ୍ଟ୍ରଦୂତ ସେର୍ଗିଓ ଗୋର୍ ମଧ୍ୟ ଭାରତର ନିର୍ବାଚନ ବ୍ୟବସ୍ଥା ଉପରେ ଟ୍ରମ୍ପଙ୍କ ମତକୁ ସମର୍ଥନ କରିଛନ୍ତି। ସେ ଭାରତର ୨୦୨୪ ନିର୍ବାଚନ ଏବଂ ଭୋଟର ପରିଚୟ ପତ୍ର ବ୍ୟବସ୍ଥାକୁ ଉଦାହରଣ ଭାବରେ ଉଲ୍ଲେଖ କରିଥିଲେ ।ଭାରତର ନିର୍ବାଚନ ବ୍ୟବସ୍ଥା ଏବେ କେବଳ ଦେଶ ଭିତରେ ନୁହେଁ ବରଂ ଆମେରିକୀୟ ରାଜନୀତିରେ ମଧ୍ୟ ଆଲୋଚନାର ବିଷୟ, ଟ୍ରମ୍ପଙ୍କ ଦାବି ଏବଂ ସେଭ୍ ଆମେରିକା ଆଇନ ସହିତ ଭବିଷ୍ୟତରେ ଆମେରିକୀୟ ରାଜନୀତି କେଉଁ ମୋଡ଼ ନେବ ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଏମ୍ସରେ କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡାଙ୍କ ଆଞ୍ଜିଓପ୍ଲାଷ୍ଟି

**ନୂଆଦିଲ୍ଲୀ,୧୮ ।୮(ଏଜେନ୍ସି):**କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କ ୧୭ ଅଗଷ୍ଟରେ ଆଞ୍ଜିଓପ୍ଲାଷ୍ଟି କରାଯାଇଥିଲା। ୧୮ ଅଗଷ୍ଟରେ ଦିଲ୍ଲୀର ଏମ୍ସ ଦ୍ୱାରା ଜାରି ଏକ ପ୍ରେସ୍ ରିଲିଜରେ କୁହାଯାଇଛି ଯେ ତାଙ୍କ ଅବସ୍ଥା ଏବେ ସ୍ଥିର ଅଛି ଏବଂ ସେ ହସ୍ପିଟାଲର ହୃଦରୋଗ ବିଭାଗର ଡାକ୍ତରଙ୍କ କଡ଼ା ତତ୍ତ୍ୱାବଧାନରେ ଅଛନ୍ତି। ପୂର୍ବରୁ, ୧୪ ଅଗଷ୍ଟରେ, ହସ୍ପିଟାଲ ମଧ୍ୟ ଏକ ବିବୃତି ଜାରି କରି ମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସ୍ଥିର ଥିବା କହିଥିଲେ। ୧୩ ଅଗଷ୍ଟ ସନ୍ଧ୍ୟାରେ ସେ ଅସ୍ୱସ୍ତି ଅଭିଯୋଗ କରିବା ପରେ ତାଙ୍କୁ ଦିଲ୍ଲୀର ଏମ୍ସରେ ଭର୍ତ୍ତି କରାଯାଇଥିଲା। ଭର୍ତ୍ତି ହେବା ପରେ, ଡାକ୍ତରମାନେ ତାଙ୍କୁ ପରୀକ୍ଷା କରିଥିଲେ ଏବଂ କରୋନାରୀ ଆଞ୍ଜିଓଗ୍ରାଫି ସମ୍ବନ୍ଧୀୟ ଡାକ୍ତରୀ ପରୀକ୍ଷା କରିଥିଲେ। ଏମ୍ସର ଡାକ୍ତର ରୀମା ଦାଦାଙ୍କ ଅନୁଯାୟୀ, ମନ୍ତ୍ରୀଙ୍କୁ ଅସ୍ୱସ୍ତି ଯୋଗୁଁ ଭର୍ତ୍ତି କରାଯାଇଥିଲା। ଆଞ୍ଜିଓଗ୍ରାଫି ପରେ, ତାଙ୍କୁ ହୃଦରୋଗ ବିଭାଗରେ ଭର୍ତ୍ତି କରାଯାଇଥିଲା ଏବଂ ତାଙ୍କ ସ୍ୱାସ୍ଥ୍ୟ ସ୍ଥିର ଥିବା ଘୋଷଣା କରାଯାଇଥିଲା। ତେବେ ହସ୍ପିଟାଲ ପ୍ରଶାସନ ଜେପି ନଡ୍ଡାଙ୍କ ଅସ୍ୱସ୍ତିର କାରଣ କିମ୍ବା ଆଞ୍ଜିଓଗ୍ରାଫି ପରୀକ୍ଷା ସମ୍ପର୍କରେ କୌଣସି ସୂଚନା ପ୍ରଦାନ କରି ନଥିଲେ ।ଆଞ୍ଜିଓପ୍ଲାଷ୍ଟି ହେଉଛି ଏକ ଚିକିତ୍ସା ପ୍ରକ୍ରିୟା ଯାହା ହୃଦୟରେ ଅବରୋଧିତ କିମ୍ବା ସଂକୀର୍ଣ୍ଣ ଧମନୀ ଖୋଲିବା ଏବଂ ରକ୍ତ ପ୍ରବାହ ପୁନଃସ୍ଥାପିତ କରିବା ପାଇଁ ବ୍ୟବହୃତ ହୁଏ। ଏହାକୁ ପର୍କ୍ୟୁଟେନିୟସ୍ କରୋନାରୀ ଇଣ୍ଟରଭେନ୍ସନ୍ (ପିସିଆଇ) ମଧ୍ୟ କୁହାଯାଏ।

